
ବର୍ଷ-୨୪, ସଂଖ୍ୟା-୨୨୮
ଭୁବନେଶ୍ୱର
୧୮ ସେପ୍ଟେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 228
Bhubaneswar
18 September, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ବିବାହ ବନ୍ଧନରେ ସିଦ୍ଧାର୍ଥ-ଅଦିତି

## ‘ସୁଭଦ୍ରା’ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

# ହିତାଧିକାରୀଙ୍କ ଖାତାକୁ ଗଲା ପ୍ରଥମ କିସ୍ତି

**ଭୁବନେଶ୍ୱର,୧୭।୯(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଯୋଜନା ‘ସୁଭଦ୍ରା’ର ଶୁଭାରମ୍ଭ କରିଛନ୍ତି। ଏହା ସର୍ବବୃହତ୍, ଏକକ ମହିଳା କେନ୍ଦ୍ରୀତ ଯୋଜନା ଏବଂ ଏଥିରେ ୧ କୋଟିରୁ ଅଧିକ ମହିଳା ସାମିଲ ହେବେ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ୧୦ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଆକାଉଂଟକୁ ପାଣ୍ଠି ହସ୍ତାନ୍ତରର ଶୁଭାରମ୍ଭ କରିଛନ୍ତି।

ନିଜ ଗସ୍ତ କାଳ ଅବସରରେ ପିଏମ୍ ଆବାସ ଗ୍ରାମୀଣ ଏବଂ ସହରାଞ୍ଚଳ ହିତାଧିକାରୀଙ୍କ ଗୃହ ପ୍ରବେଶ କରାଇଛନ୍ତି। ଏହାବାଦ୍ ଦେଶ ଉଦ୍ଦେଶ୍ୟରେ ୨୮ଶହ କୋଟିର ରେଳ ପ୍ରକଳ୍ପ ଜନକଲ୍ୟାଣ ଯୋଜନାର ଶୁଭାରମ୍ଭ କରିଛନ୍ତି।ଏଥିସହ ୧ ହଜାର କୋଟିର ଜାତୀୟ ରାଜପଥ ପ୍ରକଳ୍ପ ମଧ୍ୟ ଲୋକର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ।

ଏହି ଅବସରରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ କୃତଜ୍ଞତା ଜ୍ଞାପନ

## ୧୦ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ୫ ହଜାର ଟଙ୍କା

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭାରତରେ ମହିଳା ସଶକ୍ତୀକରଣର ପ୍ରତିଫଳନ

ପ୍ରଧାନମନ୍ତ୍ରୀ ଗୋଠପାଟଣା ସ୍ପୋର୍ଟସ ଭ୍ୟାଲିର ବି ଶିଳାନ୍ୟାସ କରିଛନ୍ତି। ତାସହ ପ୍ରଧାନମନ୍ତ୍ରୀ ୧୪ ରାଜ୍ୟର ୧୦ ଲକ୍ଷ ପିଏମ୍ ଆବାସ ଗ୍ରାମୀଣ ହିତାଧିକାରୀଙ୍କୁ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବା ସହ ୨୬ଲକ୍ଷ କରିବା ସହ କହିଥିଲେ ଯେ ମହାପ୍ରଭୁଙ୍କ ଆଶୀର୍ବାଦ ମିଳିଲେ ସାଧାରଣ ଜନତା ଓ ମହାପ୍ରଭୁ ଜଗନ୍ନାଥଙ୍କ ସେବା କରିବାର ସୁଯୋଗ ସୃଷ୍ଟି ହୋଇଥାଏ। ପ୍ରଧାନମନ୍ତ୍ରୀ ବର୍ତ୍ତମାନର ଗଣେଶ ଉତ୍ସବ ପର୍ବ ଏବଂ ଆଜିର ଅନନ୍ତ ଚତୁର୍ଦ୍ଦଶୀ ଏବଂ ବିଶ୍ୱକର୍ମା ପୂଜାର ପବିତ୍ର ଅବସର ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଛନ୍ତି ଯେ ଭାରତ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ ଭଗବାନ ବିଶ୍ୱକର୍ମାଙ୍କ ରୂପରେ ଦକ୍ଷତା ଏବଂ ଶ୍ରମକୁ ପୂଜା କରାଯାଏ। ଏହି ଅବସରରେ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଭଳି ପବିତ୍ର ଅବସରରେ ଓଡ଼ିଶାର ମା’ ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାର ସୁଯୋଗ ପାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମିରୁ ଦେଶର ୩୦ ଲକ୍ଷରୁ ଅଧିକ ପରିବାରକୁ ପକ୍କା ଘର ହସ୍ତାନ୍ତର କରାଯାଇଥିବା ଉଲ୍ଲେଖ କରିବା ସହ ଗ୍ରାମାଞ୍ଚଳରେ ୨୬ ଲକ୍ଷ ଓ ସହରାଞ୍ଚଳରେ ୪ ଲକ୍ଷ ଘର ହସ୍ତାନ୍ତର କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ଆଜି ଓଡ଼ିଶାରେ ହଜାର ହଜାର କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ସମ୍ପର୍କରେ ଶ୍ରୀ ମୋଦୀ ଆଲୋକପାତ କରିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାବାସୀ ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

ନୂଆ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ଥିଲା, ଯାହାର ଶପଥ ଗ୍ରହଣ ସମାରୋହରେ ସେ ଯୋଗ ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ। ନିର୍ବାଚନ ପ୍ରଚାର ସମୟରେ ସେ କହିଥିଲେ ଯେ ଯଦି ରାଜ୍ୟରେ ଡବଲ ଇଞ୍ଜିନର ସରକାର କ୍ଷମତାକୁ ଆସେ ତେବେ ଓଡ଼ିଶା ପ୍ରଗତି ଓ ସମୃଦ୍ଧି ଆଡକୁ ଅଗ୍ରସର ହେବ।

ଗ୍ରାମାଞ୍ଚଳ ବାସିନ୍ଦା, ପଛୁଆ, ଦଳିତ, ଆଦିବାସୀ, ମହିଳା, ଯୁବକ, ମଧ୍ୟବିତ୍ତ ପରିବାରଙ୍କ ଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ସ୍ୱପ୍ନ ପୂରଣ ହେବ ବୋଲି ଶ୍ରୀ ମୋଦୀ ବିଶ୍ୱାସ ବ୍ୟକ୍ତ କରିଥିଲେ। ଦିଆଯାଇଥିବା ପ୍ରତିଶ୍ରୁତି ଦ୍ରୁତ ଗତିରେ ପୂରଣ ହେଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏପର୍ଯ୍ୟନ୍ତ ପୂରଣ ହୋଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଛି ଏବଂ ମନ୍ଦିରର ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଓଡ଼ିଶାବାସୀଙ୍କ ସେବା ପାଇଁ ବିଜେପି ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଥିଲେ। ରାଜ୍ୟବାସୀଙ୍କ ସମସ୍ୟାର ସମାଧାନ ପାଇଁ ସରକାର ନିଜେ ଲୋକଙ୍କ ପାଖକୁ ଯାଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଏଥିପାଇଁ ଶ୍ରୀ ମୋଦୀ ସମ୍ପୂର୍ଣ୍ଣ ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଓ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନର ସରକାର ୧୦୦ ଦିନ ପୂରଣ କରୁଥିବାରୁ ଆଜି ଏକ ବିଶେଷ ଦିନ। ଏହି ଅବଧି ମଧ୍ୟରେ ଭାରତର ଗରିବ, କୃଷକ, ଯୁବକ ଓ ମହିଳାଙ୍କ କଲ୍ୟାଣ ପାଇଁ ବଡ଼ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗତ ୧୦୦ ଦିନର ଉପଲବ୍ଧି ବିଷୟରେ ଉଲ୍ଲେଖ କରି, ଗରିବଙ୍କ ପାଇଁ ୩ କୋଟି ପକ୍କା ଘର ନିର୍ମାଣ ନିଷ୍ପତ୍ତି, ଯୁବକମାନଙ୍କ ପାଇଁ ୨ ଲକ୍ଷ କୋଟି ଟଙ୍କାର ପିଏମ୍ ପ୍ୟାକେଜ୍ ଘୋଷଣା- ଯେଉଁଥିରେ ଘରୋଇ କମ୍ପାନୀରେ ସେମାନଙ୍କ ପ୍ରଥମ ଚାକିରିର ପ୍ରଥମ ଦରମା ସରକାର ବହନ କରିବେ, ମେଡିକାଲ କଲେଜରେ ୭୫,୦୦୦ ନୂତନ ସିଟ୍ ଯୋଡ଼ିବା ଏବଂ ୨୫,୦୦୦ ଗ୍ରାମକୁ ପକ୍କା ରାସ୍ତା ସହିତ ସଂଯୋଗ କରିବା ଭଳି ନିଷ୍ପତ୍ତି ମଞ୍ଜୁରି ଲାଭ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପାଇଁ ବଜେଟ୍ ଆବଂଟନ ପ୍ରାୟ ଦ୍ୱିଗୁଣିତ ହୋଇଛି, ପ୍ରାୟ ୬୦,୦୦୦ ଆଦିବାସୀ ଗ୍ରାମର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଘୋଷଣା କରାଯାଇଛି, ସରକାରୀ କର୍ମଚାରୀଙ୍କ ପାଇଁ ଏକ ନୂତନ ପେନସନ ଯୋଜନା ଆରମ୍ଭ କରାଯାଇଛି ଏବଂ ବୃତ୍ତିଗତ, ବ୍ୟବସାୟୀ ମାଲିକ ଏବଂ ଉଦ୍ୟୋଗୀଙ୍କ ପାଇଁ ଆୟକର ହ୍ରାସ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ସେହିପରି ୨ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂହଦେଓ, ଦୁଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଉପସ୍ଥିତ ରହିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଦେଖି ଗାଡକଣ ବସ୍ତିବାସିନ୍ଦା ଭାବବିହ୍ୱଳ





**ଭୁବନେଶ୍ୱର,୧୭।୯(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶାର ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସହ ମତ ବିନିମୟ କରିଛନ୍ତି। ପ୍ରଧାନମନ୍ତ୍ରୀ ରାଜଧାନୀରେ ପହଞ୍ଚିବା ପରେ ସିଧାସଳଖ ଗାଡ଼କଣ ଗାଁକୁ ଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ସେଠାରେ ଆବାସ ଯୋଜନାର ୨୦ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଛନ୍ତି। ନିଜ ଜନ୍ମ ଦିନ ଅବସରରେ ଜଣେ ହିତାଧିକାରୀଙ୍କ ଘରେ କ୍ଷୀରି ଖାଇଛନ୍ତି ମୋଦି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନ ୧୦ଟା୫୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଏହାପରେ ସେଠାରୁ ସେ ସିଧାସଳଖ ଗାଡ଼କଣ ଅଭିମୁଖେ ଯାଇଥିଲେ। ମୋଦି ଆସିବାକୁ ଥିବାରୁ ଲୋକେ ଘରକୁ ସଜାଇଥିବା ବେଳେ ଘର ଦୁଆର ମୁହଁରେ କଳସ ବସାଇଥିଲେ। ମୋଦିଙ୍କୁ ସ୍ୱାଗତ କରିବାକୁ ଗାଡ଼କଣବାସୀ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥିଲେ। ସେଠାରେ ପହଞ୍ଚିବା ପରେ

## ଆଦିବାସୀ ପରିବାରଙ୍କ ଘରେ କ୍ଷୀରି ପିଇଲେ

## ଚା ପିଇ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା

ମୋଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୨୦ ହିତାଧିକାରୀଙ୍କ ଗୃହ ପ୍ରବେଶ କରାଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ ଜଣ ହିତାଧିକାରୀ, ୮ ଜଣ ଏସଏଚଜି ମହିଳା ଏବଂ ୨ ଜଣ ପିଏମ ସ୍ୱନିଧି ଯୋଜନାର ହିତାଧିକାରୀଙ୍କ ଥିବା ଜଣାଯାଇଛି। ସେମାନଙ୍କ ସହ ବସି ପ୍ରଧାନମନ୍ତ୍ରୀ ମହିଳା ଆତ୍ମନିର୍ଭରଶୀଳ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବି ଗାଡ଼କଣରେ ଉପସ୍ଥିତ ଥିଲେ। ମୋଦି ହିତାଧିକାରୀମାନଙ୍କ ସହ ଅଧ ଘଣ୍ଟା କାଳ ଆଲୋଚନା କରିଥିଲେ। ଏହି ଅବସରରେ ସେ ପିଏମ୍ ଆବାସ ଯୋଜନାର ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ଘରେ ପ୍ରସ୍ତୁତ ହୋଇଥିବା କ୍ଷୀରି ଖାଇଛନ୍ତି। ମୋଦି କିଛି ସମୟ ପାଇଁ ଅନ୍ତର୍ଯ୍ୟାମୀଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଛୋଟ ଛୁଆଙ୍କ ମୁଣ୍ଡରେ ହାତ ମାରିଥିଲେ ସେଠାରେ ସେ ପୂଜାର୍ଚ୍ଚନା ବି କରିଥିଲେ।

ପ୍ରଧାନମନ୍ତ୍ରୀ ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ଚା ପିଇବା ସହ ଆନନ୍ଦଦାୟକ ବାର୍ତ୍ତାଳାପ ସ୍ମରଣୀୟ ରହିବ। ପିଏମ ଆବାସ ଯୋଜନାର ହିତାଧିକାରୀଙ୍କ ସହ ବସି ସେମାନଙ୍କ ଜୀବନ ଯାତ୍ରା ବିଷୟରେ ଶୁଣିଲି। ବିଶେଷ କରି ବହୁ ସଂଖ୍ୟକ ମହିଳା ଏହି ଯୋଜନାରେ ଉପକୃତ ହେଉଥିବା ଦେଖି ଖୁସି ଲାଗୁଛି। ଏହି ଯୋଜନା ଏବଂ ଏଭଳି ଅନ୍ୟ ଯୋଜନା କିପରି ଜୀବନରେ ପରିବର୍ତ୍ତନ ଆଣିଛି ସେ ବିଷୟରେ ସେମାନେ କହିଥିଲେ।

## ଡାକ୍ତରଙ୍କ କଥା ରଖିଲେ ମମତା

**କୋଲକାତା,୧୭।୯:** ଜୁନିଅର ଡାକ୍ତରଙ୍କ ଦାବି ପୂରଣ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଗତକାଲି ମମତା କାଲକାତାର ନୂଆ। ପୁଲିସ କମିଶନର ପଦରୁ ବିନୀତ ଗୋଏଲଙ୍କୁ ହଟାଇବା ପରେ ମନୋଜ କୁମାର ବର୍ମାଙ୍କୁ ଏହି ପଦରେ ନିଯୁକ୍ତି ଦେଇଛନ୍ତି।

୧୯୯୮ ବ୍ୟାଚର ମନୋଜ ବର୍ମା ପଶ୍ଚିମବଙ୍ଗ ପୁଲିସରେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ ପୋଷ୍ଟ କରାଯାଇଥିଲା। ସେ ଏହା ପୂର୍ବରୁ ବାରାକପୋରାର ପୁଲିସ କମିଶନର ତଥା ସୁରକ୍ଷା ନିର୍ଦ୍ଦେଶାଳୟରେ ଅତିରିକ୍ତ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ କୋଲକାତାର ପୁଲିସ କମିଶନର ହୋଇଛନ୍ତି। ଆରଜିକର ମେଡିକାଲ କଲେଜ ଓ ହସ୍ପିଟାଲ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଆନ୍ଦୋଳନରତ ଜୁନିୟର ଡାକ୍ତରମାନେ ବିନିତ ଗୋଏଲଙ୍କ ଇସ୍ତଫା ଦାବିକରିଥିଲେ। ଗତକାଲି ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କ ସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଲୋଚନା କରି ସେମାନଙ୍କ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ଜୁନିୟର ଡାକ୍ତରମାନଙ୍କ ଦାବି ପୂରଣ ହୋଇଛି ମମତା ବାନାର୍ଜୀଙ୍କ ସରକାର ବିନୀତ ଗୋଏଲଙ୍କୁ କାର୍ଯ୍ୟରୁ ହଟାଇ ତାଙ୍କ ସ୍ଥାନରେ ମନୋଜ ବର୍ମାଙ୍କୁ ନିଯୁକ୍ତି ଦେଇଛନ୍ତି।

## ପ୍ରତିଶ୍ରୁତି ପୂରଣ କରିଛୁ : ମୋହନ

**ଭୁବନେଶ୍ୱର,୧୭।୯(ମହାଭାରତ):** ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମସ୍ତ ମା ଓ ଭଉଣୀ ଏବଂ ରାଜ୍ୟର ସାଢେ ଚାରି କୋଟି ଜନ ସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ କେବଳ ଦେଶର ନୁହନ୍ତି, ସାରା ବିଶ୍ୱରେ ସବୁଠାରୁ ଅଧିକ ଲୋକପ୍ରିୟ ନେତା। ଆଜିର ଏହି ସ୍ୱତନ୍ତ୍ର ଦିନରେ ଯେତେବେଳେ ସାରା ବିଶ୍ୱରୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ଜନ୍ମଦିନର ଶୁଭେଚ୍ଛା ଆସୁଛି, ସେତେବେଳେ ସେ ଆଜି ଆମ ଗହଣରେ ଉପସ୍ଥିତ ହୋଇ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି।ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି।

ନିର୍ବାଚନ ପୂର୍ବରୁ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାକୁ ଆଜି ୧୦୦ ଦିନ ମଧ୍ୟରେ ପୂରଣ କରିଛୁ। ସୁଭଦ୍ରା ଯୋଜନା ଆମ ରାଜ୍ୟ ପାଇଁ ସବୁଠାରୁ ବଡ ଜନ ହିତକାରୀ ଯୋଜନା । ଆମ ସରକାର କ୍ଷମତାକୁ ଆସିବା ପୂର୍ବରୁ ମା ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ପ୍ରତିଶ୍ରୁତି ଦେଇଥିଲେ ଜଗନ୍ନାଥ ସଂସ୍କୃତିରେ ମା ସୁଭଦ୍ରା ହେଉଛନ୍ତି ଶକ୍ତି ସ୍ୱରୂପିଣୀ ଓ ସମାନତାର ପ୍ରତୀକ। କଥା ଅଛି ଯେ, ମା ହେଲେ ପାଠେଇ, ଦେଶ ଯିବ ଆଗେଇ। ଠିକ ସେହିପରି ଜଣେ ମହିଳା ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ, ପରିବାରରେ ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ସୁଦୃଢ଼ ହୋଇଥାଏ। ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଏବଂ ଅର୍ଥନୈତିକ ପ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ସରକାର ଏହି ପ୍ରଗତିଶୀଳ ତଥା ବୈପ୍ଳବିକ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି।

## ପଦ ଛାଡ଼ିଲେ କେଜ୍ରିୱାଲ, ଆତିଶୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୧୭।୯(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ଆଜି ଅପରାହ୍ନରେ ସେ ଉପ ରାଜ୍ୟପାଳ ଭିକେ ସକ୍ସେନାଙ୍କୁ ଭେଟି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହିସମୟରେ ଆତିଶୀ, ସୌରଭ ଭରଦ୍ୱାଜ ଓ ଗୋପାଳ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।



କେଜ୍ରିୱାଲ ଇସ୍ତଫା ଦେଇଥିବାରୁ ଏବେ ଆପର ଅନ୍ୟତମ ବରିଷ୍ଠ ନେତା ଆତିଶୀ ମାର୍ଲେନା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବେ। ଆଜି ସେ ମଧ୍ୟ ଉପ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି।

କେଜ୍ରିୱାଲ ଇସ୍ତଫା ଦେଇଥିବାରୁ ଖୁବଶୀଘ୍ର ସେ ରହୁଥିବା ସିଭିଲ୍ ଲାଇନ୍ସ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବଙ୍ଗଳା ମଧ୍ୟ ଖାଲି କରିବେ। ଏହି ବଙ୍ଗଳାରେ କେଜ୍ରିୱାଲ ତାଙ୍କ ପତ୍ନୀ ସୁନୀତା, ନିଜର ପିଲା ଓ ବାପା-ମା’ଙ୍କ ସହ ରହୁଛନ୍ତି ବଙ୍ଗଳା ଛାଡ଼ିବା ପାଇଁ ମଧ୍ୟ ସେ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା କେଜ୍ରିୱାଲ ଶୁକ୍ରବାର ଜେଲରୁ ବାହାରିଥିଲେ। ଏହାପରେ ରବିବାର ସେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରି ୪୮ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଥିଲେ। ଅପରାହ୍ନରେ ଉପ ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ଦେବା ପୂର୍ବରୁ ଆପର ବିଧାୟକ ଦଳ ବୈଠକ ଦିନ ୧୧ଟାରେ ବସିଥିଲା। ଏହି ସମୟରେ କେଜ୍ରିୱାଲ ତାଙ୍କ ଉତ୍ତରାଧିକାରୀ ଭାବେ ଆତିଶୀଙ୍କ ନାଁ ପ୍ରସ୍ତାବ ଦେଇଥିଲେ। ଏହାକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଏହାପରେ ଅପରାହ୍ନରେ ଆତିଶୀଙ୍କୁ ସାଙ୍ଗରେ ଧରି କେଜ୍ରିୱାଲ ଉପ ରାଜ୍ୟପାଳଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସେ ନିଜର ଇସ୍ତଫାପତ୍ର ତାଙ୍କୁ ହସ୍ତାନ୍ତର କରିଥିଲେ।

## ଆଜି ବାଲେଶ୍ୱରରେ ବନ୍ୟା ସ୍ଥିତି ଦେଖିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୯(ମହାଭାରତ):** ଲଗାଣବର୍ଷା ଯୋଗୁ ବାଲେଶ୍ୱର ଜିଲ୍ଲାରେ ନାହିଁନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାଲେଶ୍ୱର ଜିଲ୍ଲା ଗସ୍ତ କରି ଏରିଏଲ୍ ସର୍ଭେ କରିବେ। ପରେ ସମୀକ୍ଷା ବୈଠକ କରିବେ।

ଅନ୍ୟପକ୍ଷରେ ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସୁବର୍ଣ୍ଣରେଖା ନଦୀ ଆଜି ରାଜଘାଟଠାରେ ବିପଦସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ବାଲେଶ୍ୱର ଜିଲ୍ଲାର ବସ୍ତା, ଭୋଗରାଇ ଓ ବାଲିଆପାଳ ଅଂଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଜଣାପଡ଼ିଛି। ଏପଟେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏହି ବୈଠକରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ସୁନ୍ଦରଗଡ଼ର ଜିଲ୍ଲାପାଳମାନଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତିର ସମୀକ୍ଷା ସହ ସମସ୍ତ ପ୍ରକାରର ପ୍ରସ୍ତୁତି ଓ ଆବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଲାଞ୍ଚ ନେଇ ଆରଆଇ ଓ ପିଅନ ଗିରଫ

**ଢେଙ୍କାନାଳ, ୧୭।୯(ମହାଭାରତ) :** ଭିଜିଲାନ୍ସ ଜାଲରେ ଢେଙ୍କାନାଳ ସଦର ଆରଆଇ ବରୁଣ ଜେନା ଓ ପିଅନ ବଳରାମ ସାହୁ । ୩୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ମାଡିବସିଲା ଭିଜିଲାନ୍ସ । ଜଣେ ବ୍ୟକ୍ତିଙ୍କ ଜମିର କିସମ ପରିବର୍ତ୍ତନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଆରଆଇ ବରୁଣ ଜେନା। ଏନେଇ ଉକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ପୂର୍ବରୁ ଲୁଚି ରହିଥିଲା ଭିଜିଲାନ୍ସ ଟିମ୍। ଆରଆଇ ବରୁଣ ଜେନାଙ୍କୁ ୩୦ହଜାର ଟଙ୍କାର ଲାଞ୍ଚ ଅର୍ଥ ଦେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ ଧରିଥିଲେ। ବର୍ତ୍ତମାନ ଏହି ଘଟଣାରେ ତଦନ୍ତ କରୁଛି ଭିଜିଲାନ୍ସ ।

# ବିଭିନ୍ନ ରେଳ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୧୭।୯(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡିଶା ପାଇଁ ୨୮୭୧ କୋଟି ମୂଲ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଥିବାବେଳେ କେତେକର ଦେଶପାଇଁ ଉତ୍ସର୍ଗୀକୃତ କରିଛନ୍ତି। ଏହି ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସଂଯୋଗକୁ ଦୃଢ଼ୀଭୁତ କରାଇବା ସହିତ ବ୍ୟସ୍ତବହୁଳ ରେଳ ମାର୍ଗରେ ଯାତାୟାତକୁ ସହଜ କରିବାକୁ ଏବଂ ଏହି ଅଂଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି ।



ପ୍ରଚୁର ଖଣିଜ ଓ ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାର ସୁଦୀର୍ଘ ବେଳାମାର୍ଗ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏହି ସମ୍ପଦଗୁଡ଼ିକୁ ଓଡ଼ିଶାର ଶକ୍ତିରେ ପରିଣତ କରାଯିବା ଉଚିତ। ଆଗାମୀ ୫ ବର୍ଷ ମଧ୍ୟରେ ଆମକୁ ଓଡ଼ିଶାର ସଡ଼କ ଓ ରେଳ ସଂଯୋଗକୁ ନୂଆ ଉଚ୍ଚତାରେ ପହଂଚାଇବାକୁ ପଡ଼ିବ। ଆଜି ଉଦଘାଟନ କରାଯାଇଥିବା ନବନିର୍ମିତ ରେଳ ଓ ସଡ଼କ ସମ୍ବନ୍ଧୀୟ ପ୍ରକଳ୍ପ ସମ୍ପର୍କରେ ଶ୍ରୀ ମୋଦୀ କହିଥିଲେ ଯେ, ଲାଞ୍ଜିଗଡ଼ ରୋଡ୍-ଆମ୍ବଦଳା-ଦୋଇକାଲୁ ରେଳଲାଇନ୍, ଲକ୍ଷ୍ମୀପୁର ରୋଡ୍-ସିଙ୍ଗାରାମ-ଟିକିରି ରେଳଲାଇନ୍,ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ରେଳଲାଇନକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିବାର ସୌଭାଗ୍ୟ ତାଙ୍କୁ ମିଳିଛି। ଜୟପୁର-ନବରଙ୍ଗପୁର ନୂଆ ରେଳ ଲାଇନର ଶିଳାନ୍ୟାସ ସହ ପାରାଦୀପ ବନ୍ଦରରୁ ଯୋଗାଯୋଗ ବୃଦ୍ଧି ପାଇଁ ଆଜି କାର୍ଯ୍ୟ ଆରମ୍ଭ ହୋଇଛି। ନୂତନ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବହୁ ସଂଖ୍ୟକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମୋଦୀ କହିଥିଲେ। ପୁରୀରୁ କୋଣାର୍କ ରେଳଲାଇନ ଓ ହାଇଟେକ୍ ‘ନମୋ ଭାରତ ରାପିଡ୍ ରେଲ୍’ କାମ ମଧ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ଏବଂ ଆଧୁନିକ ଭିତ୍ତିଭୂମି ଓଡ଼ିଶା ପାଇଁ ସମ୍ଭାବନାର ନୂଆ ଦ୍ୱାର ଖୋଲିବ।

ଓଡିଶାର ଶିଳ୍ପ, ସମ୍ବଳ ସମୃଦ୍ଧ ଏବଂ ଆଦିବାସୀ ପ୍ରାଧାନ୍ୟ ଅଂଚଳରେ ରେଳ ନେଟୱାର୍କକୁ ମଜବୁତ କରିବା ଉପରେ ଦୃଢତାର ସହିତ ଧ୍ୟାନ ଦେଇ ଏହି ପ୍ରକଳ୍ପଗୁଡିକ ଏହି ଅଂଚଳର ଅଭିବୃଦ୍ଧି ତଥା ଜାତୀୟ ଅର୍ଥନୀତିରେ ଏକୀକରଣ ପାଇଁ ପ୍ରସ୍ତୁତ ହୋଇଛି ।

ରେଳ ନେଟୱାର୍କକୁ ଆହୁରି ବୃଦ୍ଧି କରାଇବା ପାଇଁ ଚାଲୁରହିଥିବା ରେଳ ପ୍ରକଳ୍ପଗୁଡିକ ମଧ୍ୟରୁ ପ୍ରଧାନମନ୍ତ୍ରୀ ଚାରି ଗୋଟି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନକୁ ଉତ୍ସର୍ଗୀକୃତ କରିଛନ୍ତି । ବିଜୟନଗରାମ-ଟିଟିଲାଗଡ ତୃତୀୟ ଲାଇନ ପ୍ରକଳ୍ପର ଲାଞ୍ଜିଗଡ଼ ରୋଡ୍-ଆମ୍ବାଦୋଳା-ଦୋଇକାଲୁ ରେଳ ସେକ୍ସନ (୨୫.୩୯୪ କିମି) ଉତ୍ସର୍ଗ କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ୪୩୨ କୋଟି । ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ବ୍ୟସ୍ତବହୁଳ ବିଜୟନଗରମ-ଟିଟିଲାଗଡ ମାର୍ଗରେ କ୍ଷମତା ବୃଦ୍ଧି କରିବା ସହିତ ପଶ୍ଚିମ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ । ଏହି ପ୍ରକଳ୍ପ ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ପାଇଁ ଉପକୃତ ହେବ ଏବଂ ଯାତ୍ରୀ ଓ ପଣ୍ୟ ପରିବହନ ସୁଗମ କରିବ ।

କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ରେଳ ସେକ୍ସନ (୨୨.୯୪ କିମି) କୁ ୨୬୦ କୋଟିରେ ନିର୍ମିତ କରାଯାଇଅଛି ଯାହା ଦକ୍ଷିଣ ଓଡ଼ିଶାରେ ଟ୍ରେନ୍ ଚଳାଚଳ କ୍ଷମତା ବୃଦ୍ଧି କରିବ । ଏହି ରେଳ ସେକ୍ସନ ଉତ୍ପାଦନ ସମୃଦ୍ଧ ଅଂଚଳରୁ ପ୍ରମୁଖ ବଜାର ପର୍ଯ୍ୟନ୍ତ ପରିବହନକୁ ଯଥେଷ୍ଟ ଉନ୍ନତ କରିବ ବୋଲି ଆଶା କରାଯାଏ ।

ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପର ୪୦.୬୨ କିମି ଦୈର୍ଘ୍ୟ ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ଼ ରେଳ ସେକ୍ସନକୁ ପ୍ରାୟ ୫୪୦ କୋଟି ଟଙ୍କା ବିନିମୟରେ ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପ ଜଟିଳ ଶିଳ୍ପ ମାର୍ଗରେ କ୍ଷମତାକୁ ଆହୁରି ବୃଦ୍ଧି କରିବା ସହିତ ପଣ୍ୟ ପରିବାହାନକୁ ସୁଗମ ଏବଂ ଶୀଘ୍ର ପରିବହନକୁ ସୁନିଶ୍ଚିତ କରିଦକ୍ଷତା ବୃଦ୍ଧି କରାଇବ କରିବ ।ବଣ୍ଡାମୁଣ୍ଡା-ରାଂଚି ଦୋହରୀକରଣ ପ୍ରକଳ୍ପର ୧୨.୫ କିମି ଦୈର୍ଘ୍ୟ ବାଙ୍ଗୁରେକେଲା-ନୋଗାଁଓ ରେଳ ସେକ୍ସନ କୁ ପ୍ରାୟ ୨୩୯ କୋଟି ବିନିମୟରେ ନିର୍ମାଣ କରାଯାଇଅଛି । ଏହି ଲାଇନର ଦୋହରୀକରଣ ହେବା ଦ୍ୱାରା ଯାତାୟାତ ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଓଡିଶା ଏବଂ ଝାଡଖଣ୍ଡ ମଧ୍ୟରେ ସଂଯୋଗ ବୃଦ୍ଧି ହେବ । ଏହି ଉତ୍ସର୍ଗ ସହିତ ପ୍ରଧାନମନ୍ତ୍ରୀ ମଧ୍ୟ ଚାରିଗୋଟି ରେଳ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର କରିଛନ୍ତି ଯାହା ଓଡିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଭୂପୃଷ୍ଠ କ୍ରସିଂକୁ ଦୂର କରିବା ପାଇଁ ସିଜୁ-ପାରାଦୀପ ଫ୍ଲାଏଓଭର (୭ କିମି) କୁ ୨୦୦ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯିବ ଯାହା ଭାରତର ପ୍ରମୁଖ ବାଣିଜ୍ୟ ହବ ମଧ୍ୟରୁ ପାରାଦୀପ ବନ୍ଦରରେ ସୁଗମ ତଥା ନିରବଚ୍ଛିନ୍ନ ଟ୍ରେନ ଚଳାଚଳକୁ ସୁନିଶ୍ଚିତ କରିବ ।୧୮.୫୧ କିମି ଦୈର୍ଘ୍ୟ ପାରାଦୀପ-ବଡ଼ବନ୍ଧ ତୃତୀୟ ଏବଂ ଚତୁର୍ଥ ଲାଇନ ଯାହାକୁ ପ୍ରାୟ ୩୦୦ ଟଙ୍କା କୋଟି ଟଙ୍କାରେ ନିର୍ମାଣ କରାଯିବ । ଏହା ଉଭୟ ମାଲ ପରିବହନ ଏବଂ ଯାତ୍ରୀ ଯାତାୟାତ ପାଇଁ କ୍ଷମତା ବୃଦ୍ଧି କରିବା ସହିତ ପାରାଦୀପ ବନ୍ଦର ସହିତ ସଂଯୋଗ ବୃଦ୍ଧି କରିବ । ୧୦.୯୩ କିମି ଦୈର୍ଘ୍ୟ ଏମସିଆରଏଲ ଆଭ୍ୟନ୍ତରୀଣ କରିଡର ଫେଜ -୧ ର ଦୋହରୀକରଣକୁ ପ୍ରାୟ ୧୫୨ କୋଟି ଟଙ୍କାମୂଲ୍ୟରେ ନିର୍ମାଣ କରାଯିବ ଯାହାଦ୍ୱାରା ଅଧିକ କୋଇଲା ଲୋଡିଂ ପାଇଁ ସୁବିଧା ପ୍ରଦାନ କରିବା ସହିତ ଏହି ଅଂଚଳରେ ଶିଳ୍ପ ଅଭିବୃଦ୍ଧିକୁ ଅଧିକ ସମର୍ଥନ କରିବ ।

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାଣିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



····· ପରଦା ଖବର ·····

## ସିଦ୍ଧାର୍ଥଙ୍କୁ ସିକ୍ରେଟଲି ବାହା ହେଲେ ଅଦିତି

ପୁଣି ବଲିଉଡରେ ବାଜିଲା ଶାହାନାଇୟ ପଡ଼ିଲା ହାତଗଣ୍ଠି। ସାତ ଫେରା ନେଲେ ବି-ଟାଉନର ଲଭ୍ ବାର୍ଡ। ହାତକୁ ଦି ହାତ ହେଲେ ଅଭିନେତ୍ରୀ ଅଦିତି ରାଓ ହେଦରୀ ଓ ଅଭିନେତା ସିଦ୍ଧାର୍ଥ ନାରାୟଣ। ବୈଦିକ ରୀତିନୀତିରେ ସମ୍ପର୍ଣ୍ଣ ହେଲା ବିବାହ।ଦୀର୍ଘ ଦିନ ଧରି ଡେଟିଂ କରିବା ପରେ ବିବାହ କରିଛନ୍ତି ୩୭ ବର୍ଷୀୟ ବଲିଉଡ ଅଭିନେତ୍ରୀ ଅଦିତି ରାଓ ହେଦରୀ ଓ ୪୫ ବର୍ଷୀୟ ସାଉଥ ଅଭିନେତା ସିଦ୍ଧାର୍ଥ। ବାନାପାର୍ଥୀର ୪୦୦ ବର୍ଷ ପୁରୁଣା ଏକ ଐତିହାସିକ ମନ୍ଦିରରେ ଉଭୟଙ୍କ ପଡିଛି ହାତଗଣ୍ଠି। କେବଳ ଘର ଲୋକଙ୍କ ଉପସ୍ଥିତିରେ ପରସ୍ପର ସାତ ଫେରା ନେଇଛନ୍ତି। ବିବାହ ବେଳର ଫଟୋକୁ ଉଭୟ ସୋଶାଲ ମିଡିଆରେ ସେୟାର କରିଛନ୍ତି, ଯାହା ଭାଇରାଲ





ହେବାରେ ଲାଗିଛି।ଫଟୋରେ ଅଦିତି ବେଶ୍ ସିମ୍ପୁଲ ଲୁକ୍ରେ ନଜର ଆସିଛନ୍ତି। ଅଦିତି ଅଫ୍ ହ୍ୱାଇଟ୍ ରଙ୍ଗର ଟିସୁ ସିଲ୍କ ଶାଢି ପିନ୍ଧିଛନ୍ତି। କେଶରେ ଗଜରା ଓ ହାତରେ ସିଦ୍ଧାର୍ଥ ନାଁରେ ଲଗାଇଛନ୍ତି ମେହେନ୍ଦି। ସହ ସେ ନିଜ ସିମ୍ପୁଲ ଲୁକରେ ସବୁଠାରୁ ସୁନ୍ଦର ଦେଖାଯାଉଛନ୍ତି। ଏଥି ସହିତ ସିଦ୍ଧାର୍ଥ ଧଳା ରଙ୍ଗର ଧୋତି ଏବଂ କୁର୍ତ୍ତା ପିନ୍ଧିଛନ୍ତି। ପୂରା ସାଉଥ ଇଣ୍ଡିଆନ୍ ଗେଟ୍‌ଅପ୍ରେ ସେ ନଜର ଆସିଛନ୍ତି।ସିଦ୍ଧାର୍ଥଙ୍କ ସହ ତାଙ୍କ ବିବାହ ବେଳର ଫଟୋ ସେୟାର କରିବା ବେଳେ ଅଦିତି କ୍ୟାପସନରେ ଲେଖିଛନ୍ତି, 'ତୁମେ ମୋର ସୂର୍ଯ୍ୟ, ମୁଁ ତୁମର ଚନ୍ଦ୍ର ..ମସିଜେ ଆଣ୍ଡ ମିଷ୍ଟର ଅଦ୍ଧୁ ଓ ସିଦ୍ଧୁ...।' ତାଙ୍କ ଫ୍ୟାନ୍ସମାନେ ଏହି ଫଟୋ ଦେଖି ଖୁସି ହୋଇଯାଇଛନ୍ତି। ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।ମାର୍ଚ୍ଚରେ ଏହି ଷ୍ଟାର୍ କପଲ ର୍ନିବନ୍ଧ କରିଥିଲେ।ପ୍ରଶଂସକମାନେ ସେମାନଙ୍କ ବିବାହକୁ ଅପେକ୍ଷା କରିଥିଲେୟ ଶେଷରେ ଏହି କପଲ ସିକ୍ରେଟଲି ବିବାହ କରିଛନ୍ତି । ଘର ଲୋକ ଓ କିଛି ଘନିଷ୍ଠ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଉଭୟ ବିବାହ କରିଛନ୍ତି। ଉଭୟଙ୍କ ଏହା ହେଉଛି ଦ୍ୱିତୀୟ ବିବାହୟ୨୦୨୧ରେ 'ମହା ସମୁଦ୍ରମ'ର ଶୁଟିଂ ସେଟ୍ରେ ଉଭୟଙ୍କ ଦେଖା ସାକ୍ଷାତ ହୋଇଥିଲା। ଏହାପରେ ଅଦିତି ଓ ସିଦ୍ଧାର୍ଥ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିଲେ। ପରେ ଉଭୟ ପରସ୍ପରକୁ ପ୍ରେମ କରିଥିଲେ ଓ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

## ବିନା କାରଣରେ କମୁଛି କି ଆପଣଙ୍କ ଓଜନ ? ସାବଧାନ

ଅନେକ ଥର ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଜନ ବହୁତ ଜଲଦି ହ୍ରାସ ପାଇଥାଏ । ଯଦି ଦୁର୍ବଳ ଲାଗିବା,ମୁଣ୍ଡବିନ୍ଧା, ବାରମ୍ବାର ଭୋକ ଲାଗିବା, ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଦେଖାଯିବା ଭଳି ଲକ୍ଷଣ ସହ ଖୁବ୍ ଶୀଘ୍ର ଓଜନ ହ୍ରାସ ପାଇଥାଏ ତେବେ ଏହା ହାଇପୋଥାଇରଏଡର ଲକ୍ଷଣ ହୋଇପାରେ । କିନ୍ତୁ କେବେ ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଲଟା ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ । ଅର୍ଥାତ କିଛି ବ୍ୟକ୍ତିଙ୍କ ବହୁତ ଜଲଦି ବଢିବାକୁ ଲାଗିଥାଏ ।

ଅନେକ ଥର ଚିନ୍ତା କାରଣରୁ ମଣିଷ କମ ଭୋକ ଲାଗିଥାଏ । କମ୍ ଖାଇବା କାରଣରୁ ମଧ୍ୟ ମଣିଷ ଶରୀରକୁ ଆବଶ୍ୟକ ଇନ୍ଧନ ମିଳିପାରିନଥାଏ । ଏଭଳି ପରିସ୍ଥିତିରେ ଶରୀରର ମୋଟାପଣ ଗ୍ଲୁକୋଜରେ ପରିବର୍ତ୍ତନ ହୋଇଥାଏ ଏବଂ ଶରୀର ଏହାକୁ ଇନ୍ଧନ ରୂପେ ବ୍ୟବହାର କରିଥାଏ । ଏହି କାରଣରୁ ମଧ୍ୟ ଓଜନ କମ ହେବାରେ ଲାଗିଥାଏ ।

ଅତ୍ୟଧିକ ଓଜନ ହ୍ରାସ ହେବାର କାରଣ ହେଉଛି ମାନସିକ ରୂପେ ଦୁର୍ବଳ ହେବା । ଯଦି କୌଣସି ବ୍ୟକ୍ତି ମାନସିକ ରୂପେ ସମସ୍ୟାରେ ରହିଥାନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଥାଏ ତେବେ ଏଭଳି ବ୍ୟକ୍ତିଙ୍କର ଓଜନ ଖୁବ୍ ଶୀଘ୍ର ବଢିବାକୁ ଲାଗିଥାଏ କିମ୍ବା କମିଥାଏ ।

ଅନେକ ଘଟଣାରେ ଅଧିକ ପ୍ରେସର ନେବା କାରଣରୁ ମଧ୍ୟ ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ ଖାଦ୍ୟ ଖାଇଥାଉ ସେତେବେଳେ ମଧ୍ୟ ଆମ ଶରୀରକୁ ଉଚିତ କ୍ୟାଲୋରୀ ବା ଶକ୍ତି ମିଳିପାରିନଥାଏ । ଏହା ବ୍ୟତୀତ ଲିଭର କିମ୍ବା ହୃଦରୋଗ ସମସ୍ୟା କାରଣରୁ ମଧ୍ୟ ଓଜନ କମ ହୋଇପାରେ । ଏହି କାରଣରୁ ଓଜନ କମ ହେଲେ କେବେ ବି ଅଥଦେଖା କରନ୍ତୁ ନାହିଁ ।

ଅନେକଥର ପେଟ ଏବଂ ଆନ୍ତ୍ରିକ ସମ୍ବନ୍ଧିତ ରୋଗ କାରଣରୁ ଶରୀର ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିନଥାଏ । ଏବଂ ଯେଉଁ ଖାଦ୍ୟ

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍‌ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ ।



ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ଗୃହରେ ରଖନ୍ତୁ ହାତୀର ପ୍ରତିମା : ପ୍ରାପ୍ତି ହେବ ଶୁଭଫଳ



ବାସ୍ତୁ, ଜ୍ୟୋତିଷ ଶାସ୍ତ୍ରରେ ହାତୀ ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଶାସ୍ତ୍ରରେ ହାତୀ ବିଘ୍ନହର୍ତ୍ତା ପ୍ରଭୁ ଗଣେଶ ଓ ଧନର ଦେବୀ ମା'ଲକ୍ଷ୍ମୀଙ୍କ ସହ ଜଡ଼ିତ ରହିଛନ୍ତି। ଜାଣନ୍ତୁ ହାତୀଙ୍କ ଫଟୋ, ଚିତ୍ର କିମ୍ବା ପ୍ରତିମା ଘରେ ରଖିବା ଦ୍ୱାରା କି କି ଶୁଭଫଳ ପ୍ରାପ୍ତି ହୋଇଥାଏ...

■ ଶୟନ କକ୍ଷରେ ପିତ୍ତଳରେ ର୍ନିମିତ ହାତୀଙ୍କ ପ୍ରତିମା ରଖିବା ଦ୍ୱାରା କିମ୍ବା ହାତୀଙ୍କ ବଡ଼ ଫଟୋ ଲଗାଇଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ।

■ ପିତ୍ତଳର ହାତୀ ଘରର ବୈଠକ ଘରେ ରଖିବା ଦ୍ୱାରା ଏହା ଶାନ୍ତି ଓ ସମୃଦ୍ଧି ଆଣିଥାଏ। ଜୀବନରେ ସଫଳତା ମଧ୍ୟ ଆସିଥାଏ।

■ ଘରେ କିମ୍ବା ପର୍ସରେ ଛୋଟ ରୂପାର ହାତୀ ରଖିବା ଦ୍ୱାରା ସନ୍ତାନ କଷ୍ଟ ଦୂର ହୋଇଥାଏ ଓ ବେପାରରେ ଲାଭ ମିଳିଥାଏ।

■ ଋପାରେ ର୍ନିମିତ ହାତୀ ଘରର ଉତ୍ତର ଦିଗରେ ରଖିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

■ ଫେଙ୍ଗସୁଇ ଅନୁଯାୟୀ ହାତୀର ଫଟୋ କିମ୍ବା ମୂର୍ତ୍ତି ଘରେ ରଖିବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଧନ ପ୍ରାପ୍ତି ହୋଇଥାଏ। ଘରେ ସୁଖଶାନ୍ତି ପ୍ରବେଶ କରିଥାଏ। ଶୁଣ୍ଢ ଉପରକୁ ହୋଇ ରହିଥିବା ହାତୀର ପ୍ରତିମା ରଖିବା ଦ୍ୱାରା ଧନସମ୍ପତ୍ତି ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥାଏ।



## କଣ କୁହେ ପାପୁଲିର ଏମ ଅକ୍ଷର ...

ମଣିଷ କାହିଁ କେଉଁ ଯୁଗରୁ ଭାଗ୍ୟ ଓ ଜ୍ୟୋତିଷଶାସ୍ତ୍ର ଉପରେ ବିଶ୍ୱାସ କରି ଆସୁଛି। ଆଜି ମଧ୍ୟ ବିଶ୍ୱାସ କରୁଛି। ଏହି ଜ୍ୟୋତିଷ ଶାସ୍ତ୍ରରେ ଆମ ଭାଗ୍ୟ ଓ ଭବିଷ୍ୟତର ସୂଚନା ମିଳିଥାଏ। ତେବେ ହସ୍ତ ରେଖାରୁ ମଧ୍ୟ ଏହାର ସୂଚନା ମିଳେ। ଆଜି



ଆସନ୍ତୁ ହସ୍ତ ରେଖାରୁ କିଛି ଜାଣିବା।

ଆମ ହାତରେ ଚାରୋଟି ମୁଖ୍ୟ ରେଖା ଥାଏ । ଜୀବନ ରେଖା, ମସ୍ତିଷ୍କ ରେଖା, ହୃଦୟ ରେଖା ଏବଂ ଭାଗ୍ୟ ରେଖା । ଏହି ୪ଟି ରେଖା ମଣିଷ ଜୀବନରେ ସର୍ବାଧିକ ପ୍ରଭାବ ପକାଇଥାଏ ।ଯଦି ଏହି ଚାରି ରେଖା ସ୍ପଷ୍ଟ ଥାଏ ତେବେ ସେହି ବ୍ୟକ୍ତି ରାଜା ଭଳି ଜୀବନଯାପନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷରେ ଏହି ଚାରୋଟି ରେଖା ଏକତ୍ର ହୋଇ ଉପରୋକ୍ତ ଚିତ୍ର ଅନୁଯାୟୀ ଇଂରାଜୀ ଭାଷାର ଏମ ଅକ୍ଷର ଭଳି ଆକାର ହୋଇଥାନ୍ତି, ତାହେଲେ ସେହି ବ୍ୟକ୍ତି ନିଃସନ୍ଦେହରେ କୋଟିପତି ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏପରି ବ୍ୟକ୍ତି ଭଗବାନଙ୍କର ଅତି ପ୍ରିୟ ଅଟନ୍ତ। ଏହି ବ୍ୟକ୍ତିମାନଙ୍କୁ ଆଦର୍ଶ ବ୍ୟକ୍ତି ଭାବରେ ବିବେଚନା କରାଯାଏ। ଏହିପରି ଲୋକମାନେ ଅତି ନିର୍ଭୀକ, ଇଶ୍ୱରବିଶ୍ୱାସୀ , ବୁଦ୍ଧିମାନ, ସଚ୍ଚୋଟ ଏବଂ ସଫଳ ଅଟନ୍ତି । ଏମାନଙ୍କ ହୃଦୟ ବେଶ ପରିଷ୍କାର ବା ନିଷ୍କପଟ। ଏପରି ହସ୍ତରେଖାର ବ୍ୟକ୍ତିମାନେ ଯେଉଁ କାମ କରିବା ପାଇଁ ନିଷ୍ପତ୍ତି ନିଅନ୍ତି ତାକୁ ସର୍ବଦା ସଂପୂର୍ଣ୍ଣ କରିଥାନ୍ତି। ଯଦିଓ ସମଗ୍ର ବିଶ୍ୱ ସେମାନଙ୍କ ବିରୁଦ୍ଧରେ ଥାଏ ତଥାପି ବି ସେମାନେ ପଛଘୁଞ୍ଚା ନ ଦେଇ କାର୍ଯ୍ୟ ପୁରା କରିଥାନ୍ତି । ଏମାନେ ଜଣେ ସଚ୍ଚୋଟ ଜୀବନସାଥୀ ପାଇଥାନ୍ତି ଏବଂ ବ୍ୟବସାୟରେ ତାଙ୍କ ଜୀବନସାଥୀ ତାଙ୍କୁ ପୁରା ସହଯୋଗ କରିଥାନ୍ତି। ଏମାନେ ଯାହା ସହ ବନ୍ଧୁତା ସ୍ଥାପନ କରନ୍ତି ସେମାନଙ୍କ ଭାଗ୍ୟ ଖୋଲିଯାଏ। ଯଦି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ହାତରେ ଏମ ଅକ୍ଷର ପାଆନ୍ତି ତେବେ ଏହାର ଅର୍ଥ ହେଉଛି ସେମାନେ ଦୁନିଆର ସବୁଠାରୁ ଭାଗ୍ୟଶାଳୀ ଦମ୍ପତି। ସେମାନଙ୍କର ଯୋଡି ଏକ ଆଦର୍ଶ ଯୋଡି ।

# ମୋଦିଙ୍କ ଜୀବନୀକୁ ନେଇ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ରକ୍ତଦାନ ଶିବିର

**ଭୁବନେଶ୍ୱର,୧୭।୯ (ମହାଭାରତ):** ସାଧାରଣ ନିର୍ବାଚନ ପରେ ପ୍ରଧାନ ସେବକ ଭାବେ ନେତୃତ୍ୱ ନେଇ ଭାରତବର୍ଷକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ସମ୍ମାନ ପ୍ରତିଷ୍ଠା କରାଇଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜିଙ୍କ ଆଜି ୭୪ ତମ ଜନ୍ମଦିନ । ଏହି ଦିନକୁ ବିଜେପି ତରଫରୁ ଦେଶବ୍ୟାପୀ "ସେବା ଦିବସ" ଭାବେ ପାଳନ କରାଯାଉଛି ଏବଂ "ସେବା ପକ୍ଷ" ପାଳନ ଅବସରରେ ଆଜିଠାରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ଆଗାମୀ ୧୫ ଦିନ ଧରି ପାର୍ଟୀ ତରଫରୁ ବିଭିନ୍ନ ସେବା କାର୍ଯ୍ୟ ଜାରୀ ରହିବ ।

ମୋଦି ଗ୍ୟାରେଂଟିକୁ ଓଡିଶା ସମେତ ସମଗ୍ର ଦେଶବାସୀ ଦେଖୁଛନ୍ତି । ଓଡିଶାରେ ବର୍ତମାନ ବିଜେପିର ଡବଲ ଇଂଜିନ ସରକାର । ଓଡିଶାକୁ ସୁନାର ଓଡିଶା ଗଢି ତୋଳିବା ପାଇଁ ସମସ୍ତ ପ୍ରକାରର ସହଯୋଗ ଓ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଆଜି ପ୍ରତିଶୃତି ଦେଇଛନ୍ତି । ବିକଶିତ ଭାରତ ଗଠନରେ ଓଡିଶା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ସେବା ପକ୍ଷ ପାଳନ ଉପଲକ୍ଷେ ଆଜି ପ୍ରଥମ ଦିନରେ "ସେବା ଦିବସ" ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନୀକୁ ନେଇ ଏକ ଫଟୋଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏବଂ ସ୍ୱେଚ୍ଛାକୃତ ଭାବେ ଅନେକ କାର୍ଯ୍ୟକର୍ତା ରକ୍ତଦାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତାଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସେବା ପକ୍ଷ ରାଜ୍ୟ ସଂଯୋଜକ ତଥା ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କୁଅଁର,



ସହ ସଂଯୋଜକ ସ୍ମୃତି ପଟ୍ଟନାୟକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ମେଡିକାଲ ସେଲ ରାଜ୍ୟ ସଂଯୋଜକ ଡ.କୈଳାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟର କୋଣ ଅନୁକୋଣରେ ବିଜେପି କାର୍ଯ୍ୟକର୍ତାମାନେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା, ଅଭିନନ୍ଦନ ଜଣାଇ ବିଭିନ୍ନ ମନ୍ଦିର ଓ ଦେବାଳୟରେ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ନିରାମୟ ଓ ଦୀର୍ଘଜୀବନ କାମନା କରିଛନ୍ତି ।

ସେବା ପକ୍ଷ ପାଳନ ଅବସରରେ ଆସନ୍ତା କାଲି ୧୮ରୁ ୨୦ ପର୍ଯ୍ୟନ୍ତ ଯୁବମୋର୍ଚ୍ଚା ତରଫରୁ ସମସ୍ତ ବିଧାନସଭା କ୍ଷେତ୍ରରେ ରକ୍ତଦାନ ଶିବିର ଆୟୋଜନ କରାଯିବ । ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ କୃଷକ ମୋର୍ଚ୍ଚା ତରଫରୁ ସମସ୍ତ ଶକ୍ତିକେନ୍ଦ୍ର ସ୍ତରରେ ପର୍ଯ୍ୟାବରଣ ଉପରେ ଗୁରୁତ୍ୱ ଦିଆଯାଇ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ । ଏହି ଅବସରରେ ଦଳ ଏବଂ ବିଭିନ୍ନ ମୋର୍ଚ୍ଚା ଓ ପ୍ରକୋଷ୍ଠ ତରଫରୁ ମଣ୍ଡଳସ୍ତରରେ ସମସ୍ତ ମନ୍ଦିର, ଧାର୍ମିକ ସ୍ଥଳ, ଜଳାଶୟ, ପୁଷ୍କରିଣୀ ଏବଂ ପାର୍କ ଆଦି ସ୍ଥାନରେ ସଫେଇ କରାଯିବ । ସେପ୍ଟେମ୍ବର ୨୩ରେ ବିଧାନସଭା ସ୍ତରରେ ୬୦ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ । ସେପ୍ଟେମ୍ବର ୨୪ରେ ବିଧାନସଭାସ୍ତରରେ କଳା, ଚିତ୍ରାଙ୍କନ, ରଙ୍ଗୋଲି, ପ୍ରବନ୍ଧ, ସାହିତ୍ୟ-କଳା, ଗ୍ରାଫିକ୍ ଡିଜାଇନ୍ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ । ସେପ୍ଟେମ୍ବର ୨୫ରେ ବିଜେପିର ବିଚାର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଜୟନ୍ତୀକୁ ବୁଥ୍‌ସ୍ତରରେ ପାଳନ କରାଯିବ । ସାଂଗଠନିକ ମହାପର୍ବ ସଦସ୍ୟତା ଅଭିଯାନ ଅବସରରେ ଦୀନଦୟାଲ ଜୟନ୍ତୀ ଦିବସରେ ଅତିକମ୍‌ରେ ୧୦୦ ସଦସ୍ୟ କରାଯିବା ପାଇଁ ପ୍ରୟାସ କରାଯିବ । ଅକ୍ଟୋବର ୨ରେ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମଣ୍ଡଳସ୍ତରରେ ମହାତ୍ମାଗାନ୍ଧୀ ଓ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତି ନିକଟରେ ସ୍ୱଚ୍ଛତା ଅଭିଯାନ କରାଯାଇ ପୁଷ୍ପାଞ୍ଜଳି ଅର୍ପଣ କରାଯିବ ।

# ସୁଭଦ୍ରା ଯୋଜନା ନାମରେ ସାଇବର ଠକାମୀର ଶୀକାର ହୁଅନ୍ତୁ ନାହିଁ

**ଭୁବନେଶ୍ୱର,୧୭।୯ (ମହାଭାରତ):** ଏକ ଟଙ୍କା ଆକାଉଂଟକୁ ଚେକ୍ କରିବା ପାଇଁ ପଠା ଯାଇଥିଲା। ତେଣୁ ଯେଉଁମାନେ ୧ ଟଙ୍କା ପାଇ ନାହାନ୍ତି, ସେମାନେ ବି ବ୍ୟସ୍ତ ହୁଅନ୍ତୁ ନାହିଁ । କୌଣସି ଲିଙ୍କ କୁ କ୍ଲିକ କରି କେହି ସାଇବର ଠକେଇର ଶୀକାର ହୁଅନ୍ତୁ ନାହିଁ। ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ଯେ, ସୁଭଦ୍ରା ଯୋଜନା ନାମରେ ଅନେକ ସାଇବର ଠକ ସକ୍ରିୟ ହୋଇ ବିଭିନ୍ନ ପ୍ରକାର ଲିଙ୍କ ପଠାଇ ଠକିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏଭଳି କୌଣସି ଲିଙ୍କକୁ କ୍ଲିକ କରନ୍ତୁ ନାହିଁ। ସାଇବର ଠକେଇରୁ ନିଜକୁ ରକ୍ଷା କରିବାକୁ ସେ କହିଛନ୍ତି।

ସେ କହିଛନ୍ତି ଯେ ସବୁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରେ ସାମିଲ ନହେବା ଯାଏଁ ଚାଲିବ ପଞ୍ଜୀକରଣ। ସେ କହିଛନ୍ତି ଯେ, ଗତକାଲି ସୁଦ୍ଧା ସୁଭଦ୍ରା ପଞ୍ଜୀକରଣ ୬୫ ଲକ୍ଷରେ ପହଂଚି ସାରିଲାଣି। ୧୭ ତାରିଖରେ ହିତାଧିକାରୀ ମହିଳା ପ୍ରଥମ କିସ୍ତି ପାଇବେ। ୧୭ ପରେ ଯେଉଁମାନେ ପଞ୍ଜୀକରଣ କରିବେ ସେମାନେ ତା ପରବର୍ତ୍ତୀ ସମୟରେ ୧୭ର ପ୍ରଥମ କିସ୍ତିର ପଇସା ହିଁ ପାଇବେ। ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବାର ଲକ୍ଷ୍ୟ ରଖା ଯାଇଛି ଓ ଅନ୍ୟ ମାନେ ମଧ ପଂଜୀକରଣ ପରେ ପ୍ରଥମ କିସ୍ତି ପାଇବେ। ସେ କହିଛନ୍ତି ଯେ, ଏହି ଯୋଜନାରୁ କେହି କେହି ବଂଚିତ ହେବେ ନାହିଁ। ନଭେମ୍ବର ମାସରେ ବି ପଞ୍ଜୀକରଣ କଲେ ସୁଭଦ୍ରାର ପ୍ରଥମ କିସ୍ତି ମିଳିବ। ସୁଭଦ୍ରା ଯୋଜନାର ସହାୟତା ରାଶି ସମସ୍ତଙ୍କୁ ସହଜ ଓ ସରଳ ଭାବେ ପହଂଚିବ। କେହି ବ୍ୟସ୍ତ, ବିବ୍ରତ, ଭ୍ରାମିତ ହୁଅନ୍ତୁ ନାହିଁ କି ଠକେଇର ଶିକାର ହୁଅନ୍ତୁ ନାହିଁ।

# କମଳା ନେହେରୁ କଲେଜରେ ପୋଷଣ ମାସ

**ଭୁବନେଶ୍ୱର,୧୭।୯ (ମହାଭାରତ):** ବିଜ୍ଞାନର ଅଗ୍ରଗତି ସହିତ ମନୁଷ୍ୟ ନିଜର ପାରମ୍ପରିକ ଖାଦ୍ୟ ଠାରୁ ଦୂରେଇ ଏକ ଅବ୍ୟବସ୍ଥିତ ଜୀବନଶୈଳୀକୁ ଆପଣେଇଛି । ପାଶ୍ଚତ୍ୟର ଆକର୍ଷଣରେ ଅନେକ ଜଙ୍କଫୁଡ୍, ଫାଷ୍ଟଫୁଡ୍ ଯଥା- ଚାଓମିନ୍, ପିଜା, ବର୍ଗର, ମୋମୋସ ଇତ୍ୟାଦି ସେବନ କରି ହୃଦଯୋଗ, ଡାଇବେଟିସ୍, କିଡ୍‌ନୀ ରୋଗ ଆଦିରେ ଆକ୍ରାନ୍ତ ହେଉଛନ୍ତି, ଏହା ସମଗ୍ର ମାନବଜାତି ଓ ଭାରତ ବର୍ଷ ପାଇଁ ଅଭିଶାପ ପାଲଟିଛି। ଆମର ସଂସ୍କୃତିରେ ଗୋଟିଏ ସୁନ୍ଦର କଥାଅଛି 'ଯଥା ଅନ୍ନା ତଥା ମନଃ' ଅର୍ଥାତ୍ ଯେପରି ଅନ୍ନ /ଭୋଜନ ସେପରି ମନ ଏବଂ ସେପରି ତନ ହୋଇଥାଏ। ପୋଷଣ ବିହୀନ ଖାଦ୍ୟ ଖାଇ ଆମର ଯୁବଗୋଷ୍ଠୀ ବିଭ୍ରାନ୍ତ ହୋଇ ଅନେକ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି ଏବଂ ଚିନ୍ତା ଅବସାଦରେ ବୁଡ଼ି ରହିଛନ୍ତି, ତେଣୁ ଭାରତ ବର୍ଷରେ କୁପୋଷଣକୁ



ଦୂର କରି ସୁସ୍ଥ ଭାରତ ଗଢ଼ିବା ନିମନ୍ତେ ପ୍ରଧାନମନ୍ତ୍ରୀ ପୋଷଣ ଅଭିଯାନ ୨୦୧୮ ମସିହାରେ ଆରମ୍ଭ କରିଥିଲେ, ସରକାରଙ୍କ ଏହି ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ କମଳା ନେହେରୁ କଲେଜର ଗୃହ ବିଜ୍ଞାନ ବିଭାଗ ଏକ ନିଆରା ତଥା ସ୍ୱାସ୍ଥ୍ୟପ୍ରଦ କାର୍ଯ୍ୟକ୍ରମର ଆୟୋଜନ କରିଥିଲା

ସେପ୍ଟେମ୍ବର ମାସକୁ ପୋଷଣ ମାସ ବା 'ନ୍ୟାସ୍‌ନାଲ୍ ନ୍ୟୁଟ୍ରେସନ୍ ମନ୍ଥ' ରୂପେ ପାଳନ କରାଯାଏ । ତେଣୁ ଏହି ଅବସରରେ କମଳା ନେହେରୁ କଲେଜରେ ଗୃହ ବିଜ୍ଞାନ ବିଭାଗରେ ବିଭାଗୀୟ ମୁଖ୍ୟ ଡକ୍ଟର ମଧୁସ୍ମିତା ଦାସଙ୍କ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶନାରେ ସୁଷମ ଖାଦ୍ୟ ମେଳା ଆୟୋଜନ କରିଥିଲେ। ଏହି ଆୟୋଜନରେ ଲାଗିଥିବା ୩୫ରୁ ଅଧିକ ଷ୍ଟଲରେ ମାଣ୍ଡିଆ ଗୁପଚୁପ, ମାଣ୍ଡିଆ ମାଲପୁଆ, ବ୍ରାଉନ୍ ବ୍ରେଡ୍ ପରିବା ସାନ୍‌ଡୁଇଚ୍, ଟଙ୍କ ତୋରାଣି, ମସଲା ଇଟ୍‌ଲି, ଇଟଲୀ ଘୁଗୁନି, ମକା ଚାଟ, ଲେମ୍ବୁ ସିକଞ୍ଜି, ମାଣ୍ଡିଆ ପ୍ୟାନ କେକ୍ ଇତ୍ୟାଦି ଭଳି ଖାଦ୍ୟ ପରିବେଷଣ କରାଯାଇଥିଲା। ଏଗୁଡ଼ିକ ପୋଷଣରେ ଭରପୁର, ସ୍ୱାସ୍ଥ୍ୟପଦ ଏବଂ ବିଭିନ୍ନ ଷ୍ଟଲ୍‌ରେ ଏହି ଖାଦ୍ୟଗୁଡ଼ିକ କମ୍ ମୂଲ୍ୟରେ ପିଲାମାନଙ୍କୁ ଦିଆଯାଇଥିଲା। ପିଲାମାନେ ସୁଷମ ଖାଦ୍ୟର ଗୁରୁତ୍ୱକୁ ନେଇ ଏକ ସୁନ୍ଦର ନାଟକ ପରିବେଷଣ କରିଥିଲେ। ଏଥିରେ ଜନ ସମାଗମ ସହ ବହୁ ଛାତ୍ରଛାତ୍ରୀ ଏହାକୁ ଦେଖି ଖୁସିବ୍ୟକ୍ତ କରିବା ସହ ନିକଟସ୍ଥ ବସ୍ତିରେ ଯାଇ ବୁଲିବୁଲି ଛୋଟ ପିଲା ଓ ସ୍ତ୍ରୀ ଲୋକମାନଙ୍କୁ ସୁପୋଷଣର ମହତ୍ୱ ଅବଗତ କରିଥିଲେ।

# ପିଏମ ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା

**ଭୁବନେଶ୍ୱର,୧୭।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ଶସ୍ୱୀ ପ୍ରଧାନମନ୍ତ୍ରୀ ତଥା କର୍ମଯୋଗୀ ଆଦରଣୀୟ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ହାର୍ଦ୍ଦିକ ଶୁଭକାମନା ଦେବାକୁ ଚାହୁଁଛି । ଏହା ଆମ ପାଇଁ ଅତ୍ୟନ୍ତ ଖୁସିର ବିଷୟ ଅଟେ ଯେ, ସେ ନିଜ ଜନ୍ମଦିନରେ ଓଡ଼ିଶା ଆସୁଛନ୍ତି । ଏହି ପବିତ୍ର ଦିନରେ ତାଙ୍କ କରକମଳରେ ଓଡ଼ିଶାର ମାତୃଶକ୍ତି ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବାକୁ ଯାଉଛି । ତାଙ୍କ ଜନ୍ମଦିନ ଅବସରରେ ଓଡ଼ିଶାର ମହିଳାଙ୍କ ସଶକ୍ତିକରଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭେଟ ହେବ । ମୁଁ ରାଜ୍ୟର ମାତୃଶକ୍ତି ସହିତ ପୁରା ରାଜ୍ୟର ଲୋକଙ୍କ ପକ୍ଷରୁ ଏଥିପାଇଁ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାନ କରୁଛି ।

# ମାନବୀୟ ସଂସ୍କୃତିର ଧାରା ଆଲୋଚନାଚକ୍ର

**ଭୁବନେଶ୍ୱର,୧୭।୯ (ମହାଭାରତ):** ବିକଶିତ ଭାରତ, ଦିବ୍ୟ ଭାରତ- ମାନବୀୟ ସଂସ୍କୃତିର ଧାରା ଶୀର୍ଷକରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଶ୍ରୁତି ସଭାଗାରରେ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଂଚ,କଟକ ଶାଖ ଆନୁକୂଲ୍ୟରେ ଆୟୋଜିତ ଦିନିକିଆ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ , ଶିକ୍ଷା, ଶ୍ରମ ଓ ନିୟୋଜନ ମନ୍ତ୍ରୀ, ବିମ୍ବାଧର କୁଅଁର ଭାରତକୁ ପରମ ବୈଭବଶାଳୀ କରିବା ପାଇଁ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ବିକଶିତ ଭାରତ କେବଳ ଆମର ନୁହଁ ବରଂ ବିଶ୍ୱର ଆବଶ୍ୟକତା ଓ ଏହାହିଁ ବିଶ୍ୱଶାନ୍ତି ସୁନିଶ୍ଚିତ କରିପାରିବ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଂଚର ଅଖିଳ ଭାରତୀୟ ସଂଗଠନ ସଂପାଦକ ଗୋଲକ ବିହାରୀ ରାୟ କହିଲେ, ଆଧ୍ୟାତ୍ମିକ ଉତ୍ତରଣ ହିଁ ମହାଭାରତୀୟ ପରମ୍ପରାର ସର୍ବଶ୍ରେଷ୍ଠ ଉପଲବ୍ଧି। ଭୌତିକ ବିକାଶ ନୁହଁ, ଭୋଗବିଳାସ ନୁହଁ ବରଂ ତ୍ୟାଗ, ତପସ୍ୟା, ଆଧ୍ୟାତ୍ମିକ ଉତ୍ତରଣ ଭାରତୀୟ ସମାଜର ବୈଶିଷ୍ଟ୍ୟ ରହିଆସିଛି। ଏହି ଦିବ୍ୟତ୍ୱ ବିକଶିତ ଭାରତର ଆଧାରଶିଳା ହେବ, ଶ୍ରେଷ୍ଠ ଭାରତ ପରିକଳ୍ପନାକୁ ସାକାର କରିବ।

ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ତମ୍ଭକାର ଓ ଦାର୍ଶନିକ ପ୍ରଫେସର ନିରଞ୍ଜନ ପାଢୀ ମାନବୀୟ ସଂସ୍କୃତିର ଧାରାର ଉତ୍ସ ମହାଭାରତୀୟ ଜୀବନଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱାମୀ ବିବେକାନନ୍ଦ ମହାଭାରତୀୟ ସଂସ୍କୃତିର ଆଧୁନିକ ପ୍ରବକ୍ତା ଓ ତାଙ୍କ ବ୍ୟାଖ୍ୟା ଅପରୂପ ଓ ଅନନ୍ୟ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜ ପ୍ରତାପ ଭାରତର ଏକତା ଓ ଅଖଣ୍ଡତା ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ ବୋଲି କହିଥିଲେ। ଭାରତକୁ ପଡୋଶୀ ଦେଶମାନଙ୍କୁ ସାଥିରେ ନେଇ ଚାଲିବାକୁ ହେବ। ତଳୁ ଉପର ପର୍ଯ୍ୟନ୍ତ ସବୁଠି ମିଳିମିଶି କରିବାକୁ ହେବ। ବିଶିଷ୍ଟ ଅତିଥି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଆଧ୍ୟାତ୍ମ ଓ ଶିକ୍ଷା କିପରି ଏକାତ୍ମ ହେବ ତାର ପ୍ରତୀକ ଥିଲେ। କାର୍ଯକ୍ରମରେ ସଭାପତିତ୍ୱ କରି ଶିକ୍ଷାବିତ୍ ଓ ମଂଚର କାର୍ଯ୍ୟକାରିଣୀ ସଦସ୍ୟ ଡଃ ସଚ୍ଚିନ୍ଦ୍ର ରାଉଳ ଈଶାବାସ୍ୟ ଉପନିଷଦରେ ବିଦ୍ୟା ଓ ଅବିଦ୍ୟା ବିଷୟରେ ବର୍ଣ୍ଣନାକୁ ବ୍ୟାଖ୍ୟା କରିଥିଲେ। ସେ କହିଲେ ଜନ୍ମମରଣର ସଂସାରରେ ସଫଳ ହେବାକୁ ହେଲେ ଭୌତିକ ଜ୍ଞାନ ବା ଅବିଦ୍ୟାରେ ଉତ୍କର୍ଷ ଆବଶ୍ୟକ ଓ ମୋକ୍ଷ ପାଇଁ, ମୁକ୍ତି ପାଇଁ ଆଧ୍ୟାତ୍ମିକ ଜ୍ଞାନ ବା ବିଦ୍ୟା ରେ ପ୍ରବୀଣ ହେବାକୁ ହେବ। ଉଭୟ ବିଦ୍ୟା ଓ ଅବିଦ୍ୟା ଆମର ଧେୟ ହେବା ବିଧେୟ। ମଂଚର କାର୍ଯ୍ୟକାରିଣୀ ସଦସ୍ୟ ଡଃ ମାନଭଞ୍ଜନ କଅଁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡଃ ପ୍ରୋଣେମା ବାଗଚି ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଧଉଳି, ଖଣ୍ଡଗିରି ଓ ଉଦୟଗିରି ପରିଦର୍ଶନରେ ରାଜ୍ୟପାଳ

**ଭୁବନେଶ୍ୱର,୧୭।୯ (ମହାଭାରତ):** ରାଜ୍ୟପାଳ ରଘୁବର ଦାସ ଆଜି ଧଉଳି ଶାନ୍ତିସ୍ତୂପ ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରିଛନ୍ତି। ଏନଇ ରାଜ୍ୟପାଳ ଏକ୍ସ



ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଶାନ୍ତିର ସଂପର୍କ ଅନୁଭୂତି ସହିତ ରହିଥାଏ ଏବଂ ଏହା ଭିତରୁ ଆସିଥାଏ। ଏହାକୁ ବାହାରେ ଖୋଜାଯାଇପାରେନା। ଭଗବାନ ବୁଦ୍ଧଙ୍କ ଏହି ବାର୍ତ୍ତା ଆଜି ବି ଅନେକ ମୂଲ୍ୟ ରଖିଥାଏ। ପ୍ରକୃତ ଶାନ୍ତି କେବଳ ସେତେବେଳେ ମିଳିଥାଏ ଯେତେବେଳେ ଆମେ ଭିତରର ସଂଘର୍ଷରୁ ମୁକ୍ତ ହେଇଥାଉ। ଶାନ୍ତିର ଅର୍ଥ କରୁଣା, ସଦଭାବନା ଓ ପ୍ରେମର ସମର୍ପଣ ଅଟେ। ଯଦି ଦୁଃଖକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ନିକଟକୁ ନିଆଯାଏ ତେବେ ଏହି ଅନୁଭୂତି ହାସଲ କରାଯାଇପାରେ। ଆଜି ଧଉଳିଗିରି ସ୍ଥିତ ଧଉଳି ଶାନ୍ତି ସ୍ତୂପ ଓ ଧବଳେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ଏଠାରେ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ସୁଖ ଶାନ୍ତି ଓ ସମୃଦ୍ଧି କାମନା କରିଛି।

ରାଜ୍ୟପାଳ ଖଣ୍ଡଗିରି ଓ ଉଦୟଗିରି ପରିଦର୍ଶନ କରିଛନ୍ତି। ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପଖଣ୍ଡରେ ଥିବା ଉଦୟଗିରି ଓ ଖଣ୍ଡଗିରିର ପାହାଡଗୁ ସୌନ୍ଦର୍ଯ୍ୟ ଭରିରହିଛି । ପୁରାତତ୍ତ୍ୱବିତ, ଐତିହାସିକ ଏବଂ ଧାର୍ମିକ ଦୃଷ୍ଟିକୋଣରୁ ଏଠାକାର ଗୁମ୍ଫା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ। ଆଜି ମୁଁ ଏଠାରେ କିଛି ସମୟ ଅତିବାହିତ କରିଛି। ଜୈନ ଧର୍ମ ସହିତ ଜଡିତ ଇତିହାସ ଜାଣିଲି। ଆଧାତ୍ମିକ ଓ ପ୍ରାକୃତିକ ମାହୋଲ ମଧ୍ୟରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସହ କଥା ହେଲି। ଏଠାକୁ ଆସି ମୋତେ ବହୁତ ଭଲ ଲାଗିଲା।

# ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍‌ର ଉତ୍କର୍ଷ ସମ୍ମିଳନୀ

**ଭୁବନେଶ୍ୱର,୧୭।୯ (ମହାଭାରତ):** ୩୭ବର୍ଷର ସମୃଦ୍ଧ ପରମ୍ପରା ପାଳନ କରି ଭୁବନେଶ୍ୱରସ୍ଥ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍ ପକ୍ଷରୁ ଗତ ୧୪ ଓ ୧୫ତାରିଖ, ଦୁଇଦିନ ବ୍ୟାପି ବାର୍ଷିକ ବ୍ୟବସାୟ ସମ୍ମିଳନୀର ଷଷ୍ଠ ସଂସ୍କରଣ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ସମ୍ମିଳନୀ ପାଇଁ ବିଷୟବସ୍ତୁ 'ସମ୍ଭାବନାକୁ ପୁନଃ ନିର୍ଣ୍ଣୟ କରିବା' ଉପରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ଫ୍ରା. ଆଂଟୋନି ଆର୍ ଉଭାରୀ, ଡେପୁଟି ରେଜିଷ୍ଟ୍ରାର ତଥା ମୁଖ୍ୟ ଆର୍ଥିକ ଅଧିକାରୀ ଫ୍ରା.ଭି. ଆରୋକିଆ ଦାସ, ଆସୋସିଏଟ୍ ଡିନ୍ କ୍ୟାରୀଅର ଏଡ୍‌ଭାଇଜରୀ ସର୍ଭିସେସ୍ ପ୍ରଫେସର ଫ୍ରାନ୍ସିସ୍ ଥୋମାସ୍ କାଷ୍ଟେଲିନୋ, ପ୍ରଫେସର ଡିଭି ରମଣା ଏବଂ ମୁଖ୍ୟବକ୍ତା ମେର୍ସର ଅଧ୍ୟକ୍ଷ ସିଦ୍ଧାର୍ଥ ଗୁପ୍ତା ପ୍ରମୁଖ ମଂଚାସୀନ ଥିଲେ। ଫ୍ରା ଆଂଟୋନି, ଆର୍ ଉଭାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଛାତ୍ର କାର୍ଯ୍ୟନିର୍ବାହୀ ପରିଷଦ ସାଧାରଣ ସଂପାଦକ ସ୍ୱୟଂଦୀପ ଦାସ କାର୍ଯ୍ୟକ୍ରମର ବିଷୟବସ୍ତୁ ଉପସ୍ଥାପନ



କରିଥିଲେ। ଭୁବନେଶ୍ୱରର ପୂର୍ବତନ ଛାତ୍ର ସିଦ୍ଧାର୍ଥ ଗୁପ୍ତା କାର୍ଯ୍ୟକ୍ରମରେ ପୁନଃ ନିର୍ଣ୍ଣୟ ସମ୍ଭାବନା ଉପରେ ପ୍ରେରଣାଦାୟୀ ବାର୍ତା ଦେଇଥିଲେ। କର୍ପୋରେଟ୍ ପୁଞ୍ଜିବାଦର ସଂଘର୍ଷ ଏବଂ ଭାରତର କମ୍ ବ୍ୟୟ ହାର ଉପରେ ମତବ୍ୟକ୍ତ କରିବା ସହ ଦର୍ଶକଙ୍କୁ ସ୍ଥିତାବସ୍ଥା ବାହାରେ ଚିନ୍ତା କରିବାକୁ ଅନୁରୋଧ କରିଥିଲେ। ନିର୍ଦ୍ଦେଶକ ତଥା ବିଜ୍ ମ୍ୟାନେଜମେଂଟ୍ ଶୁଭଙ୍କର ପଟ୍ଟନାୟକ ଯୋଗଦେଇ ପରିବର୍ତନ ଗୁଡିକ ଉଭୟ ସମାନତା ଓ ପାର୍ଥକ୍ୟ ଦର୍ଶାଇ ସମୟ ସହ ଟେକ୍ନୋଲୋଜୀ କିପରି ବଦଳିଛି, ଅବଗତ କରିଥିଲେ। ଆଜିର ଦୁନିଆଁରେ ନେତୃତ୍ୱ ଗୁଣର ଗୁରୁତ୍ୱ ଉପରେ ଅବଗତ କରିବା ସହ ଯାହା ଏଆଇ କାରଣରୁ କ୍ରମାଗତ ଭାବେ ବିକାଶିତ ହେଉଛି, ସେ ଛାତ୍ରମାନଙ୍କୁ ଶିଖିବା ଓ ଆଗ୍ରହ ପ୍ରକାଶ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଟେକ୍ ଆଧୁନିକିକରଣ, ଗ୍ରାଂଟ୍ ଥର୍ନଟନ୍, ଇଣ୍ଡସ, ଏକ୍ସଆଇଏମ୍‌ର ନିର୍ଦ୍ଦେଶକ ରାଜେନ ମିଶ୍ର ଯୋଗଦେଇ ଆଲୁମନସ୍, କର୍ପୋରେଟ୍ ଦୁନିଆରେ ଉନ୍ନତି ପାଇଁ ଆବଶ୍ୟକ ଦକ୍ଷତା ଉପରେ ଗୁରୁତ୍ୱ ଦେଇ ଏକ ପରିଚାଳନା ଛାତ୍ରଙ୍କ ଜୀବନ ଉପରେ ମୂଲ୍ୟବାନ ଜ୍ଞାନ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଆକ୍ସିସ୍ ବ୍ୟାଙ୍କ ସିଆରଓ ଅମିତ ତାଲଗେରି ଯୋଗଦେଇ ସମ୍ଭାବନାକୁ ପୁନଃନିର୍ଦ୍ଧାରଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବର୍ତମାନର ବ୍ୟାଙ୍କିଙ୍ଗ ଦୃଶ୍ୟ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ପନ୍ଥା ଠାରୁ ଏହା କିପରି ବଦଳିଛି, ଅବଗତ କରିଥିଲେ। ଭୁବନେଶ୍ୱର ପୂର୍ବତନ ଛାତ୍ର ତଥା ଲାର୍ସେନ୍ ଏବଂ ଟୁବ୍ରୋ ମେଟ୍ରୋ ରେଳ ହାଇଦ୍ରାବାଦ ଲିମିଟେଡ୍‌ର ମୁଖ୍ୟ ମାର୍କେଟିଂ ଅଫିସର ରିଷି କୁମାର ବର୍ମା ଯୋଗଦେଇ ଏଆରଟେଲ ସହ ଜଡ଼ିତ ଥିବାବେଳେ ଟେଲିକମ୍ ଇଣ୍ଡଷ୍ଟ୍ରିରେ ଉଲ୍ଲେଖନୀୟ ପରିବର୍ତନ ଦେଖିବାକୁ ପାଇଥିଲେ।

# ଆଇପିଇ ଗ୍ଲୋବାଲ ଏବଂ ଇଏସଆରଆଇ-ଇଣ୍ଡିଆ ଅଧ୍ୟୟନ

**ଭୁବନେଶ୍ୱର,୧୭।୯ (ମହାଭାରତ):** ଆଇପିଇ-ଗ୍ଲୋବାଲ ଓ ଇଏସଆରଆଇ-ଇଣ୍ଡିଆ ପକ୍ଷରୁ ଆଜି ପ୍ରକାଶିତ ଏକ ସ୍ୱାଧୀନ ଅଧ୍ୟୟନ ଅନୁଯାୟୀ, ଭାରତର ୮୫ ପ୍ରତିଶତରୁ ଅଧିକ ଜିଲ୍ଲା ବନ୍ୟା, ମରୁଡ଼ି, ବାତ୍ୟା ଓ ଗ୍ରୀଷ୍ମ ପ୍ରବାହର ଶିକାର ହେଉଛନ୍ତି। ବିଗତ ଦଶନ୍ଧି ମଧ୍ୟରେ ଏହି ଜଳବାୟୁ ଚରମ ସୀମାର ବାରମ୍ବାରତା, ତୀବ୍ରତା ଏବଂ ଅନିଶ୍ଚିତତା ମଧ ଚାରି ଗୁଣ ବୃଦ୍ଧି ପାଇଛି । ପେନ୍‌ଟାଡ-ଡେକାଡାଲ ବିଶ୍ଳେଷଣ ବ୍ୟବହାର କରି ଏହି ଅଧ୍ୟୟନରେ ୧୯୭୩ ରୁ ୨୦୨୩ ପର୍ଯ୍ୟନ୍ତ ୫୦ ବର୍ଷର ଐତିହାସିକ ସମୟର ଅତ୍ୟଧିକ ଜଳବାୟୁ ଘଟଣାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଛି, ଏହି ଗବେଷଣାରେ ଏହି ଘଟଣାଗୁଡ଼ିକର ଜଟିଳତା ଏବଂ ଅଣ-ରେଖୀୟ ଧାରା ଏବଂ ଢାଂଚା ଅନୁସନ୍ଧାନ କରି ଏକ ବିସ୍ତୃତ ଜିଲ୍ଲାସ୍ତରୀୟ ମୂଲ୍ୟାଙ୍କନ ପ୍ରଦାନ କରାଯାଇଛି । କେବଳ ଗତ ଦଶନ୍ଧିରେ ଏହି ଜଳବାୟୁ ଚରମ ତାପମାତ୍ରା ୫ ଗୁଣ ବୃଦ୍ଧି ପାଇଛି। ଅଧ୍ୟୟନରୁ ଏହା ମଧ ଜଣାପଡିଛି ଯେ ଭାରତୀୟ ଜିଲ୍ଲାଗୁଡିକର ଜଳବାୟୁ ବିପଦ ପରିଦୃଶ୍ୟ ଦ୍ରୁତ ଗତିରେ ବଦଳୁଛି । ଇଏସଆରଆଇ-ଇଣ୍ଡିଆ ଏବଂ ଏହାର ସହଯୋଗୀ ଆଇପିଇ ଗ୍ଲୋବାଲ ଦ୍ୱାରା ଆୟୋଜିତ ଜଳବାୟୁ ବିପଦକୁ ହ୍ରାସ କରିବା ପାଇଁ ଜିଆଇଏସ୍ ଟେକ୍ନୋଲୋଜିର ଉପଯୋଗ ଶୀର୍ଷକ ଜଳବାୟୁ ପ୍ରଯୁକ୍ତି ବିଦ୍ୟା ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନରେ ଏହି ଅଧ୍ୟୟନ ଆରମ୍ଭ କରାଯାଇଥିଲା - ଯେଉଁଥିରେ ବିଶ୍ୱ ଆମେରିକାର ଜଳବାୟୁ ସପ୍ତାହ ଏନୱାଇସି ପାଇଁ ପ୍ରସ୍ତୁତ ହେଉଛି ଯେଉଁଠାରେ ବ୍ୟବସାୟୀ ନେତା, ରାଜନୈତିକ ପରିବର୍ତନ ନିର୍ମାତାମାନେ ଜଳବାୟୁ କାର୍ଯ୍ୟ ପ୍ରତିଶ୍ରୁତି ଉପରେ ବିଚାର ବିମର୍ଶ କରିବେ ବୋଲି ଆଶା କରାଯାଉଛି ।

ଆଇପିଇ ଗ୍ଲୋବାଲର ଜଳବାୟୁ ପରିବର୍ତନ ଏବଂ ସ୍ଥାୟୀତା ଅଭ୍ୟାସ ମୁଖ୍ୟ ତଥା ଅଧ୍ୟୟନର ଲେଖକ ଅବିନାଶ ମହାନ୍ତି କହିଛନ୍ତି ଯେ, "ବିପର୍ଯ୍ୟୟଜନକ ଜଳବାୟୁ ଚରମତାର ବର୍ତମାନର ଧାରା ଯାହା ୧୦ ଜଣ ଭାରତୀୟଙ୍କୁ ଅତ୍ୟଧିକ ଜଳବାୟୁ ଘଟଣାର ସମ୍ମୁଖୀନ କରିଛି ତାହା ଗତ ଶତାବ୍ଦୀରେ ୦.୬ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧିର ପରିଣାମ । ଏଲ୍ ନିନୋ ସମଗ୍ର ବିଶ୍ୱରେ ଏହାର ପ୍ରାରମ୍ଭିକ ଉପସ୍ଥିତି ଜାହିର କରୁଛି ଏବଂ ଭାରତ ଲହରୀ ଅପେକ୍ଷା ଚରମ ପରିସ୍ଥିତିର ଅଧିକ ସମ୍ମୁଖୀନ ହେଉଛି । ନିକଟରେ ଲଗାଣ ବର୍ଷା, ଗୁଜରାଟରେ ବନ୍ୟା, ଓମ୍ ପର୍ବତର ତୁଷାରପାତ ଓ ହଠାତ୍ ଓ ହଠାତ୍ ବର୍ଷା ଯୋଗୁଁ ସହରଗୁଡ଼ିକ ଅଚଳ ହେବା ଜଳବାୟୁ ପରିବର୍ତନର ପ୍ରମାଣ।

# ବୌଦ୍ଧିକ ସମ୍ପତି ଅଧିକାର ଉଲ୍ଲଂଘନ ଅଭିଯୋଗରେ କୈରାଙ୍କ ବିରୋଧରେ ମାମଲା

**କଟକ,୧୭।୯ :** ଜାପାନର କୃଷି ଉପକରଣ କମ୍ପାନି କୁବୋଟାର ଜଣେ ପୂର୍ବତନ କର୍ମଚାରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଚେନ୍ନାଇର କୃଷି ଉପକରଣ କମ୍ପାନି କାଇରା ଆଗ୍ରୋସ୍ ଦ୍ୱାରା ବୌଦ୍ଧିକ ସମ୍ପତ ଅଧିକାରର ଅପବ୍ୟବହାର ଓ ଉଲ୍ଲଂଘନ ଅଭିଯୋଗରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କୁବୋଟାଙ୍କ ଦ୍ୱାରା ଏହି ମାମଲାରେ ଦାବି କରାଯାଇଥିବା ଆଇପିଆର ରିଲିଫ୍ ରେ କୈରାଙ୍କ ବିରୋଧରେ ଜାପାନୀ କମ୍ପାନୀର ଗୋପନୀୟ ସୂଚନା ଏବଂ ଶିଳ୍ପ ଚିତ୍ରର ଅପବ୍ୟବହାର କରିବା ସହିତ ଉଲ୍ଲଂଘନ, ପାସିଂ ଏବଂ ଅସାଧୁ ଭାବରେ ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ କୈରା ଏବଂ ଅନ୍ୟ ପ୍ରତିପକ୍ଷଙ୍କ ବିରୋଧରେ ଅନ୍ତରୀଣ ନିଷେଧାଦେଶ ଜାରି କରି କୋର୍ଟ ଏହାକୁ କୁବୋଟାଙ୍କ ଉଲ୍ଲଂଘନ ବୋଲି ବିଚାର କରି ଏହାକୁ କୁବୋଟାଙ୍କ ଭଳି ବୋଲି ଦର୍ଶାଇ ଏହାକୁ ବ୍ୟବହାର କରିବା ଉପରେ ରୋକ୍ ଲଗାଇଛନ୍ତି। ଅଦାଲତ କୈରାର ପ୍ରଡକ୍ଟ କ୍ୟାଟାଲଗକୁ କୁବୋଟାଙ୍କ ପ୍ରଡକ୍ଟ କ୍ୟାଟାଲଗ ସହ ତୁଳନା କରିଥିଲେ ଏବଂ କାଇରାଙ୍କୁ ପାସ୍ ଅଫ୍ ଏବଂ କପିରାଇଟ୍ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଏହାକୁ ଏକ ସଠିକ ପ୍ରତିକୃତି ଏବଂ ଏକ ନିରପେକ୍ଷ ଏବଂ ନିରପେକ୍ଷ ଅନୁକରଣ ବୋଲି କହିଥିଲେ। କୁବୋଟା ଏବେ ଏହି ମାମଲାରେ ସେମାନଙ୍କ ଧାନ ପ୍ରତିରୋପଣକାରୀ ଏବଂ ମିଳିତ ହାର୍ଭେଷ୍ଟରରେ ଡିଜାଇନ୍, ରଙ୍ଗ ମିଶ୍ରଣ ଏବଂ ଟ୍ରେଡ୍-ଡ୍ରେସ୍ ନକଲ ବିରୋଧରେ ଅତିରିକ୍ତ ଦାବି ଦାଖଲ କରିଛନ୍ତି, ଯାହାକୁ ସେପ୍ଟେମ୍ବର ମାସରେ କୋର୍ଟ ବିଚାର କରିବେ।

# ବଢ଼ିଲା ଖାଇବା ତେଲ ଦର

**ଭୁବନେଶ୍ୱର,୧୭।୯ (ମହାଭାରତ):** ପନିପରିବାଠୁ ଆରମ୍ଭ କରି ଅଧିକାଂଶ ରୋଷେଇ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ହନ୍ତସନ୍ତ ହେଉଛନ୍ତି ସାଧାରଣ ଖାଉଟି। ଗତ ଦୁଇଦିନ ଧରି ଖାଉଟିଙ୍କ ପାଇଁ ବୋଝ ଉପରେ ଲଳିତବିଡ଼ା ସଦୃଶ ହୋଇଛି। ଖାଇବା ତେଲ ଦର ପାର୍ବଣ ଋତୁରେ ଅଘନକ ଖାଇବା ତେଲ ଲିଟର ପିଛା ୨୦ଟଙ୍କା ବୃଦ୍ଧି ପାଇବାର ସିଧାସଳଖ ପ୍ରଭାବ ହାଣ୍ଡିଶାଳ ଉପରେ ପଡ଼ିଛି।

ସୂଚନା ଅନୁସାରେ, ଗତ ଦୁଇଦିନ ଧରି ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଭାଗରେ ଖାଇବା ତେଲ ଦର ଅଘନକ ବୃଦ୍ଧି ପାଇଛି। ପାର୍ବଣ ଋତୁରେ ରିଫାଇନଡ୍ ପାମୋଲିନ୍ , ସୋୟାବିନ୍ ଓ ସୂର୍ଯ୍ୟମୁଖୀ ତେଲ ଦର। ଲିଟର ପିଛା ପ୍ରାୟ ୧୫ରୁ ୨୦ଟଙ୍କା ବୃଦ୍ଧି ପାଇବା ପରେ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ସେହିପରି ସୋରିଷ ତେଲ ଦର ଏବେ ଲିଟର ପିଛା ୧୬୦ଟଙ୍କା ବିକ୍ରି ହେଉଛି। ବିଭିନ୍ନ ପ୍ରକାରର ସୂର୍ଯ୍ୟମୁଖୀ ତେଲ ଦର ପୂର୍ବରୁ ଲିଟର ପିଛା ୧୦୦ରୁ ୧୧୦ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ ତାହା ୧୨୦ରୁ ୧୩୦ଟଙ୍କାରେ ବିକ୍ରି ହେଉଛି। କେନ୍ଦ୍ର ସରକାର ଅଶୋଧିତ ତେଲ ଓ ରିଫାଇନଡ୍ ତେଲ ଉପରେ ଆମଦାନୀ ଟିକସକୁ ବୃଦ୍ଧି ପାଇଁ ଚଳିତମାସ ୧୪ତାରିଖରୁ ନିର୍ଦ୍ଦେଶନାମା ଜାରି କରିବା ପରେ ଏହି ଦର ବୃଦ୍ଧି ହୋଇଛି। ଅଶୋଧିତ ତେଲ ଉପରେ ଆମଦାନୀ ଟିକସକୁ ୫.୫%ରୁ ୨୭.୫%କୁ ବୃଦ୍ଧି ପାଇଥିବାବେଳେ ରିଫାଇନଡ୍ ତେଲ ଉପରେ ଆମଦାନୀ



ଟିକସ ୧୩.୭୫%ରୁ ୩୫.୭୫%କୁ ବୃଦ୍ଧି ପାଇଛି। ଏବେ ସମଗ୍ର ଦେଶରେ ବର୍ଷକୁ ୨୨ମିଲିୟନ ଟନ୍ ଖାଇବା ତେଲର ଆବଶ୍ୟକତା ରହିଛି ସେଥିରୁ ୧୫ ମିଲିୟନ ଟନ୍ ଖାଇବା ତେଲ ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ, ୟୁକ୍ରେନ, ବ୍ରାଜିଲ ଓ ଋଷରୁ ଆମଦାନୀ ହେଉଛି ।ସେସବୁ ଦେଶରେ ଯେବେ ପ୍ରାକୃତିକ ବିପର୍ଯ୍ୟୟ ପଡ଼େ ।

# ନ୍ୟାୟିକ ବ୍ୟବସ୍ଥା

ଚଳିତ ବର୍ଷ ନଭେମ୍ବରରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ଜେଏମଏମରୁ ଏଭଳି ବରିଷ୍ଠ ନେତାଙ୍କ ଇସ୍ତଫା ଦଳ ପାଇଁ ଶକ୍ତ ଧକ୍କା। ଚମ୍ପେଇ ସୋରେନ ପୁରୁଖା ନେତା ଏବଂ ସିଂହଭୂମି ଅଞ୍ଚଳରେ ତାଙ୍କର ପ୍ରଭାବ ରହିଛି। ତାଙ୍କ ଇସ୍ତଫା ସିଂହଭୂମି ଅଞ୍ଚଳରେ ଜେଏମଏମକୁ ଦୁର୍ବଳ କରିବ। ଏହାର କେତଦୂର ପ୍ରଭାବ ନିର୍ବାଚନରେ ପଡ଼ିବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଏବେ ରାଜ୍ୟରେ ଜେଏମଏମ ବିରୋଧରେ ଏକ ପ୍ରକାର ଜନମତ ସୃଷ୍ଟି ହୋଇଛି। ଉଲ୍ଲେଖ ଯୋଗ୍ୟ ଯେ, ଜମି ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଜେଲ ଯାଇଥିଲେ। ସେତେବେଳେ ଚମ୍ପେଇ ସୋରେନ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୬ ମାସ ପରେ ଜୁଲାଇ ୩ରେ ସେ ଜାମିନ ପାଇ ଜେଲରୁ ମୁକୁଳିବା ପରେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେଲେ। ଫଳରେ ଚମ୍ପେଇ ସୋରେନଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ଏଥିରେ ସେ କ୍ଷୁବ୍ଧ ହୋଇଥିଲେ। ତେଣୁ ସମୟ ସୁବିଧା ଦେଖି ଜେଏମଏମରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହେଲେ। ବିଜେପିରେ ତାଙ୍କୁ କେତଦୂର ସମ୍ମାନ ଏବଂ ସ୍ୱୀକୃତି ମିଳିବ, ବିଧାନସଭା ନିର୍ବାଚନରେ ବିଜେପି ଜିତିଲେ ସେ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ତାହା ଆକଳନ କରିବା କଷ୍ଟକର। କିନ୍ତୁ ଅନ୍ତତଃପକ୍ଷେ ବର୍ତ୍ତମାନ ପାଇଁ ସେ ନିଜ ରାଗ ସୁଝାଇଦେଲେ। ହେମନ୍ତ ସୋରେନ ହେଉଛନ୍ତି ଜେଏମଏମର ପ୍ରତିଷ୍ଠାତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପୁଅ। ତେଣୁ ପୈତୃକ ସମ୍ପତ୍ତି ଭଳି ଜେଏମଏମର ନେତୃତ୍ୱ ସମ୍ଭାଳିଛନ୍ତି। ଜେଏମଏମ ବିଧାୟକ ଦଳର କିଏ ନେତା ହେବ, ତାହା ସେହି ଦଳର ଆଭ୍ୟନ୍ତରୀଣ ବ୍ୟାପାର। ସେଥିରେ କେହି କିଛି ଆପତ୍ତି ବା ମନ୍ତବ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ହେମନ୍ତ କେବଳ କୋର୍ଟରୁ ଜାମିନ ପାଇଛନ୍ତି। ସେ ଦୋଷମୁକ୍ତ ହୋଇ ନାହାଁନ୍ତି। କାଲି ଯଦି ସିବିଆଇ ତାଙ୍କୁ ପୁନର୍ବାର ଗିରଫ କରିବ ତେବେ ସେ କ'ଣ ପୁନର୍ବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆଉ କାହାକୁ ଡମି ମୁଖ୍ୟମନ୍ତ୍ରୀ କରିବେ? ଦେଶର ଅଧିକାଂଶ ଆଞ୍ଚଳିକ ଦଳ ଗୋଟିଏ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ଏବଂ ଏହିସବୁ ଦଳର ନେତୃତ୍ୱ କେବଳ ସେହି ପରିବାରର ବ୍ୟକ୍ତି ହିଁ ନେଇପାରିବେ। ସମାଜବାଦୀ ପାର୍ଟୀ କହିଲେ ଅଖିଳେଶ ଯାଦବ, ବିଏସପି କହିଲେ ମାୟାବତୀ, ଟିଏମସି କହିଲେ ମମତା ବାନାର୍ଜୀ, ଆରଜେଡି କହିଲେ ଲାଲୁ ଯାଦବଙ୍କ ପରିବାର, ଜେଡିଏସ କହିଲେ ଦେବଗୌଡ଼ାଙ୍କ ପରିବାର, ଟିଡିପି କହିଲେ ଚନ୍ଦ୍ରବାବୁ ନାଇଡୁ, ଏନସିପି କହିଲେ ଶରଦ ପାୱାରଙ୍କ ପରିବାର, ବିଆରଏସ କହିଲେ କେ ଚନ୍ଦ୍ରଶେଖର ରାଓ, ଡିଏମକେ କହିଲେ ଏମ କେ ଷ୍ଟାଲିନ ବା କରୁଣାନିଧିଙ୍କ ପରିବାରକୁ ବୁଝାଉଛି। କଂଗ୍ରେସଠାରୁ ଏହିସବୁ ଦଳ ଏପରି ପରିବାରବାଦ ଶିଖିଛନ୍ତି। ଏଥିପାଇଁ ସେମାନଙ୍କୁ ଦୋଷ ଦେବାର ଯଥାର୍ଥତା ନାହିଁ। ଆମେ ସାଧାରଣ ମତଦାତା ମାନେ ସେମାନଙ୍କୁ ଭୋଟ ଦେଉଛୁ। ସମ୍ପୃକ୍ତ ଦଳର ପରିବାରବାଦକୁ ପରୋକ୍ଷରେ ସମର୍ଥନ କରୁଛୁ। ତେଣୁ ଭାରତୀୟ ରାଜନୀତିରେ ଏଭଳି ନୈତିକତାହୀନ ରାଜନୀତି କାୟା ବିସ୍ତାର କରିଚାଲିଛି। ଜେଏମଏମ ମଧ୍ୟ ଏହି ତାଲିକାରେ ରହିଛି। ଶିବୁ ସୋରେନ ଏହି ଦଳର ପ୍ରତିଷ୍ଠାତା। ସେ ଝାଡ଼ଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପରେ ତାଙ୍କ ପୁଅ ହେମନ୍ତ ସୋରେନ ଦଳର ନେତୃତ୍ୱ ନେବା ସହିତ ମୁଖ୍ୟମନ୍ତ୍ରୀ ହେଲେ। ଯେତେବେଳେ ହେମନ୍ତ ସୋରେନ ଜେଲ ଗଲେ ସେତେବେଳେ ଶୁଣାଗଲା ତାଙ୍କ ପତ୍ନୀ କଳ୍ପନା ସୋରେନ ମୁଖ୍ୟମନ୍ତ୍ରୀ ହେବେ। କୌଣସି ପ୍ରକାରେ ଏହି ପ୍ରସ୍ତାବ କାଟ ଖାଇଗଲା। ଶେଷରେ ଚମ୍ପାଇ ସୋରେନ ହେଲେ ମୁଖ୍ୟମନ୍ତ୍ରୀ। ଏବେ ସେ ମାଲିକଙ୍କ ପାଇଁ ଆସନ ଛାଡ଼ିଦେଲେ। କିନ୍ତୁ ଏହା କେତେଦିନ ଚାଲିବ? ପଞ୍ଜାବରେ ପ୍ରକାଶ ସିଂହ ବାଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଶିରୋମଣୀ ଅକାଳି ଦଳ ଗତ ନିର୍ବାଚନରେ ପରାଜିତ ହେବା ପରେ ଦଳ ଭିତରେ ସୁଖବୀର ବାଦଲଙ୍କ ବିରୋଧରେ ବିଦ୍ରୋହର ସ୍ୱର ଉଠିଛି।

# ମାରାତ୍ମକ କ୍ୟାନସର ଓ ହେପାଟାଇଟିସ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

> "
> ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ ।

ଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ)। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ୍ୟ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ । ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ଼୍ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ଼୍ସ୍ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍‌ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଟେଲବିଭୁଡ଼ିନ୍ ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ନିରୋଗ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି – 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ।

ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ – 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି – ''ଅବନ୍ଧୁ ଜୀବନ ଅସୂର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।''

ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର

॥ ସମ୍ବିତ କୁମାର ସ୍ୱାଇଁ ॥

ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ୍ୟ ଦେବୀ ମା' ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି।

ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା'ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ।

ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ପ୍ଲଟ ନଂ-୭ଜିଏଚ/୧୩୫୩, ଡି-୧୮, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୦୪୦୬୬୧୬୩୦ / ୭୦୦୮୨୨୬୨୧୩

# କାହାଣୀ ଶୁଣାନ୍ତୁ ପିଲାଙ୍କୁ

॥ ଜୟନ୍ତୀ ପଣ୍ଡା ॥

ଆଜି ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନା କରିନଥିଲେ । ଏପରିକି ସେମାନଙ୍କର ପିତା, ମାତା ମଧ୍ୟ । ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ । ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ । ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା । ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି । ଗୋଟିଏ କାହାଣୀ ହେଉଛି – ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର । ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ । ସବୁ ପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ । ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ । ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ (ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ । ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ । ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା । ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଈ ପୁଅ ସହିତ ରହୁଥିଲେ ପୁନାରେ । ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା । ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଈ ଖୋଜି ନେଲେ । ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ ।

ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ । ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ । ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ




ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ । ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇନେଲେ । ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା । ତାଙ୍କର ମାତା ପୁତଲୀବାଈ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ । ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ । ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା । ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା ।

ଫରିଦାବାଦ, ହରିୟାନା

# ଦୁର୍ନୀତି'ର ଗୁମର ଖୋଲିଲେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ

**ନୂଆଦିଲ୍ଲୀ,୧୭।୯(ଏଜେନ୍ସି):** ସରକାରୀ ବ୍ୟବସ୍ଥାରେ ଚାଲିଥିବା 'ଦୁର୍ନୀତି' ଅଭ୍ୟାସକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ତଥା ବିଜେପି ଭେଟେରାନ ନୀତୀନ ଗଡ଼କରୀ ତୀବ୍ର ସମାଲୋଚନା କରିଛନ୍ତି । ସେହିପରି ଯେଉଁ ସବୁ ଫାଇଲର ଓଜନ(ଟଙ୍କା) ଅଧିକ ସେଗୁଡ଼ିକ ଦ୍ରୁତଗତିରେ ଆଗକୁ ବିଥାଏ ବୋଲି ସେ କହିଛନ୍ତି । ପୁଣେରେ ଇଞ୍ଜିନିୟର୍ସ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଡ଼କରୀ ଏପରି ମତ ରଖିଛନ୍ତି । ସରକାରୀ ବିଭାଗରେ ସ୍ୱଚ୍ଛତା ଓ ନିର୍ଦ୍ଧାରିତ ସମୟରେ ନିଷ୍ପତ୍ତି ନେବାର ଆବଶ୍ୟକତା ଉପରେ ସେ ଫୋକସ କରିଛନ୍ତି । ସେ ଗୋଟିଏ ଜାତୀୟ ରାଜପଥ ପ୍ରକଳ୍ପର ଉଦାହରଣ ଦେଇ କହିଛନ୍ତି ଯେ ସଡ଼କ ଦୁର୍ଘଟଣା ଓ ମୃତାହାତ ଭଳି ଘଟଣା ପଛରେ ତ୍ରୁଟି ଯୁକ୍ତ ବିସ୍ତୃତ ପ୍ରୋଜେକ୍ଟ (ଡିପିଆର) ହିଁ ଦାୟୀ । ଅନ୍ୟ ସବୁ କାରଣ ତୁଳନାରେ ଡିପିଆରରେ ତ୍ରୁଟି ଯୋଗୁ ସଡ଼କ ଦୁର୍ଘଟଣା ଓ ମୃତାହତ ଭଳି ଘଟଣା ଘଟୁଛି। ଏହାବାଦ ଏଠାରେ ଏମିତି ପ୍ରଶାସନିକ



ଅଧିକାରୀ ରହିଛନ୍ତି ଯେଉଁମାନେ ସବୁଥି ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରନ୍ତି। ଏପରି କି ରାସ୍ତାରେ ଥିବା ଗାତକୁ ପୋତିବା ପାଇଁ ମଧ ସେମାନଙ୍କୁ ଅର୍ଡର ଦରକାର ବୋଲି ଗଡ଼କରୀ କହିଛନ୍ତି । ସେ କହିଛନ୍ତି, ଏଠାରେ ଚିଠି ଓ ଇଚ୍ଛାଶକ୍ତି ମଧ୍ୟରେ ପାର୍ଥକ୍ୟ ରହିଛି । ଯଦି ଜଣେ ଜ୍ଞାନୀବ୍ୟକ୍ତି ଆଇନ ପଛରେ ଥିବା ଇଚ୍ଛାଶକ୍ତିକୁ ବୁଝିବେ ନାହିଁ, ତା'ହେଲେ ଏହାର ଆବଶ୍ୟକତା କ'ଣ? ଆଜିର ଦିନରେ ମୋର ଏପରି କହିବା ଉଚିତ ହେଉନି। କିନ୍ତୁ ଯେଉଁଠୁ ଆପଣମାନେ (ପ୍ରଶାସନିକ ବାବୁ) ଟଙ୍କା ପାଉଛନ୍ତି, ସେଠାରେ ଦ୍ରୁତ ଗତିରେ କାମ କରୁଛନ୍ତି । ନଚେତ ଆପଣମାନେ କାମ କରୁ ନାହାନ୍ତି । ଆମ ବ୍ୟବସ୍ଥାରେ କିଛି ନ୍ୟୁଟନଙ୍କ ବାପା ରହିଛନ୍ତି ଓ ଯଦି ଫାଇନାଲ ଓଜନ(ଟଙ୍କା) ବାଉଛନ୍ତି, ତା'ହେଲେ ଏହା ଦ୍ରୁତ ଗତିରେ ଆଗକୁ ବଢୁଛି । ସରକାରୀ ବ୍ୟବସ୍ଥାରେ ଧାର୍ଯ୍ୟ ସମୟ ଓ ସ୍ୱଚ୍ଛତାର ଅଭ୍ୟାସ ରହିବା ଦରକାର । ଲୋକମାନେ କହି ପାରନ୍ତି ଯେ ମୁଁ ଅତ୍ୟନ୍ତ ମର୍ମ କଥା କହୁଛି। କିନ୍ତୁ ମୁଁ ଆଶା କରୁଛି ଯେ ଯୁବଗୋଷ୍ଠୀ ଏଥିରୁ କିଛି ଶିକ୍ଷା ଲାଭ କରନ୍ତୁ ।

# ଜମ୍ମୁ ଓ କଶ୍ମୀର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଜାରି କଲା ଇସ୍ତାହାର




**ଶ୍ରୀନଗର,୧୭।୯(ଏଜେନ୍ସି):** ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଇସ୍ତାହାର ଜାରି କରିଛି କଂଗ୍ରେସ । କ୍ଷମତାକୁ ଆସିବାର ୧୦୦ ଦିନ ମଧ୍ୟରେ ଏକ ସଂଖ୍ୟାଲଘୁ କମିସନ ଗଠନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି । ଭୂମିହୀନ କୃଷକମାନଙ୍କୁ ମାସିକ ୪୦୦୦ ଟଙ୍କାର ସହାୟତା ଦିଆଯିବ । ଏହି ଅବସରରେ ଜମ୍ମୁ-କଶ୍ମୀର କଂଗ୍ରେସ ସଭାପତି ତାରିକ୍ ହମିଦ କରରା ଏବଂ ବରିଷ୍ଠ କଂଗ୍ରେସ ନେତା ପଓ୍ୱନ ଖେରାଙ୍କ ସମେତ ଜମ୍ମୁ-କଶ୍ମୀରର ନେତାମାନେ ମଧ ଥିଲେ । ତାରିକ୍ ହମିଦ କରରା କହିଛନ୍ତି ଯେ କଂଗ୍ରେସ ଦଳର ଏହି ଇସ୍ତାହାର ଲୋକଙ୍କ ଦାବି ଆଧାରରେ ପ୍ରସ୍ତୁତ କରାଯାଇଛି । କ୍ଷମତାକୁ ଆସିବାର ୧୦୦ ଦିନ ମଧ୍ୟରେ ଏକ ସଂଖ୍ୟାଲଘୁ କମିସନ ଗଠନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି । ଭୂମିହୀନ କୃଷକମାନଙ୍କୁ ମାସିକ ୪୦୦୦ ଟଙ୍କାର ସହାୟତା ଦିଆଯିବ । ଏହି ଅବସରରେ ତାରିକ୍ ହମିଦ କରରା କହିଛନ୍ତି, ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ କଂଗ୍ରେସ ଦଳର ଏହି ଇସ୍ତାହାର ପ୍ରକୃତରେ ଲୋକଙ୍କ ଇସ୍ତାହାର । ୨୨ଟି ଜିଲ୍ଲାର କମିଟି ଜରିଆରେ ଆମେ ସମାଜର ବିଭିନ୍ନ ବର୍ଗଙ୍କ ସହ ଯୋଗାଯୋଗ କରି ମତାମତ ସଂଗ୍ରହ କରିଥିଲୁ ଏବଂ ଏହି ମୂଲ୍ୟବାନ ତଥ୍ୟକୁ ଏହି ଦସ୍ତାବିଜରେ ଅନ୍ତର୍ଭୁକ୍ତ କରିଥିଲୁ । ଆମେ ଗର୍ବର ସହ ଏହାକୁ ଏକ ଜନଇସ୍ତାହାର ବୋଲି କହିଥାଉ । ପଓ୍ୱନ ଖେରା କହିଛନ୍ତି, ଗତ ୧୦ ବର୍ଷ ଧରି କାଶ୍ମୀରର ସ୍ଥିତି କଶ୍ମୀରର ହୃଦୟକୁ କ୍ଷତରେ ଭରି ଦେଇଛି । କିନ୍ତୁ ଏବେ ସେହି କ୍ଷତରେ ବାମ ଲଗାଇବାର ସମୟ ଆସିଛି । ଜମ୍ମୁ-କଶ୍ମୀରରେ ଏକ ଲମ୍ବା ରାତି ଶେଷ ହେବାକୁ ଯାଉଛି ଏବଂ ସକାଳ ହେବାକୁ ଯାଉଛି । ଗତ ୧୦ ବର୍ଷ ଧରି ଦିଲ୍ଲୀରେ ଏମିତି ଏକ ସରକାର ଚାଲିଛି ଯେଉଁଥିରେ ଲୋକଙ୍କ ସ୍ୱର ଶୁଣାଯାଉନାହିଁ । ଏହାକୁ ଦୃଷ୍ଟିରେ ରଖି ଆମ ଟିମ୍ ୨୨ଟି ଜିଲ୍ଲା ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିଥିଲା ଏବଂ ସେହି ଅନୁଯାୟୀ ଆମର ଇସ୍ତାହାର ପ୍ରସ୍ତୁତ କରାଯାଇଥିଲା । ଏହି ଇସ୍ତାହାର କେବଳ କାଗଜର ବଣ୍ଡଲ ନୁହେଁ । ଏହା ହେଉଛି ଆମର ଗ୍ୟାରେଣ୍ଟି । ଏହା ଏକ ଠିକ୍ ବିଷୟ, ଯାହାକୁ ଆମେ ପୂରଣ କରିବୁ ।

# ଜିଲ୍ଲାସ୍ତରୀୟ ଘରେ ଘରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ

**ନବରଙ୍ଗପୁର,(ନି.ପ୍ର):** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କର ସୁଭଦ୍ରା ଯୋଜନାର ବ୍ୟାପକ ସଚେତନତା ପାଇଁ ଜିଲ୍ଲାସ୍ତରୀୟ ଘରେ ଘରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଆଜି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ପାଞ୍ଚଶହରୁ ଉର୍ଦ୍ଧ ମହିଳା ହିତାଧିକାରୀ ମାନଙ୍କର ଏକ ଜନ ସଚେତନତା ଶୋଭାଯାତ୍ରା ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ରୁ ବାହାରି ମିଶନ ଶକ୍ତି ସଭାଗୃହ ପର୍ଯ୍ୟନ୍ତ କରାଯାଇଥିଲା। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଓ୍ୱାନ ପତାକା ଦେଖାଇ ଏହି ଜନ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମହିଳା ମାନେ 'ଘରେ ଘରେ ସୁଭଦ୍ରା', 'ମୋହନ ବୁଝିଲେ ମା ଭଉଣୀଙ୍କ ମନ', 'ସୁଭଦ୍ରା ଦେବ ଆପଣଙ୍କ ହାତକୁ ଧନ' ଆଦି ସ୍ଲୋଗାନ ଦେଇ ସହରପରିକ୍ରମା କରିଥିଲେ। ପରେ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଠାରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ୍ନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଓ୍ୱାନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଶ୍ରୀଯୁକ୍ତ ଦରଓ୍ୱାନ ନିଜ ବକ୍ତବ୍ୟ ରେ ଜିଲ୍ଲାରେ ମୋଟ ତିନି ଲକ୍ଷ ହିତାଧିକାରୀ ସୁଭଦ୍ରା




ଯୋଜନା ର ଲାଭ ପାଇବାର ଆକଳନ କରାଯାଇ ଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ କୋଡିଏ ହଜାର ହିତାଧିକାରୀ ଆବେଦନ କରିଛନ୍ତି ବୋଲି ସୂଚନା ଦେବା ସହିତ ଜଣେ ହିତାଧିକାରୀ ଯେପରି ତାଙ୍କର ପ୍ରାପ୍ୟ ରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଅଗ୍ରାଧିକାର ଭିତିରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହିତ, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନେ ନିଷ୍ଠାପର ଭାରେ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର ସଭାର ଉଦେଶ୍ୟ ଜ୍ଞାପନ କରି ସୂଚନା ଦେଇଥିଲେ ଯେ ଜିଲ୍ଲାରେ ଅନୁରୂପ ଭାବରେ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଜନ ସଚେତନତା ଶୋଭାଯାତ୍ରା ଓ ସଚେତନ ବୈଠକ କରାଯାଇଛି। ଏଥି ସହିତ ସେ ସୁଭଦ୍ରା ଯୋଜନା ର ହିତାଧିକାରୀଙ୍କ ମାନଦଣ୍ଡ ଗୁଡିକୁ ଉପସ୍ଥିତ ହିତାଧିକାରୀ ମାନଙ୍କୁ ବୁଝାଇ ଥିଲେ। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗ ଦେଇ ହିତାଧିକାରୀ ମାନେ ଶୁଣାକଥାରେ ଭ୍ରମରେ ନପଡି ନିକଟସ୍ଥ ଜନସେବା କେନ୍ଦ୍ର ମାଧ୍ୟମ ରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଉପଜିଲ୍ଲାପାଳ ପ୍ରକାଶ ପ୍ରକାଶ ଚନ୍ଦ୍ର ମିଶ୍ର ଡିଜିଟାଲ କାରବାର କରୁଥିବା ମହିଳାଙ୍କୁ ଅଧିକ ଆର୍ଥିକ ସହାୟତା ମିଳିବାର ସୂଚନା ଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସହାୟକ ଜିଲ୍ଲାପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସସ୍ମିତା ସାମନ୍ତରାୟ, ମାଧୁରୀ ତ୍ରିପାଠୀ, ଜିଲ୍ଲା ମମତା ସଂଯୋଜକ ବିଶ୍ୱଜିତ ମହାନ୍ତି, ସିଡ଼ିପିଓ ସବିତା ରାଣୀ ବ୍ରହ୍ମା, ଭାବରଞ୍ଜନ ସିଗଧର, ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ, ସୁନିତା ପାତ୍ର, ବ୍ଲକ ସଂଯୋଜକ ମାମୁନ କୁମାର କର ଓ ସର୍ବେଶ ପଟ୍ଟନାୟକ ପ୍ରମୁଖ ମାନେ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ। ଆଜ୍ୱନଏଡର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ମିସନ ଶକ୍ତି ସଂଯୋଜକ ହର୍ଷାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସିନାପାଲି ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ



**ସିନାପାଲି,(ନି.ପ୍ର) :** ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ତୃତୀୟ ରୁ ଅଷ୍ଟମ ଶ୍ରେଣୀ ପଢୁଥିବା ଭାଇଭଉଣୀଙ୍କ ପିତାମାତା ଏହି ସମ୍ମିଳନୀରେ ଯୋଗ ଦେଇ ବିଦ୍ୟାଳୟ ଓ ଏଠି ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବିକାଶକୁ ନେଇ ଅନୁଷ୍ଠିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପ୍ରମୁଖ ଧୃବ ପାତ୍ର, ମୁଖ୍ୟବକ୍ତା ଭାବରେ ଦକ୍ଷିଣପଶ୍ଚିମ ସଂଭାଗ ସଂପାଦକ ରୁଦ୍ରମାଧବ ବାରିକ ଓ ସମ୍ମାନିତ ଅତିଥି ଭାବରେ ସଂକୁଳ ପ୍ରମୁଖ ତୁଳସୀରାମ ମେହେର ଯୋଗଦେଇ ସମ୍ମିଳନୀକୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ବାମଦେବ ଦାଶ, ଉପସଭାପତି ମେଘନାଦ ମେହେର, କୋଷାଧ୍ୟକ୍ଷ ବୈଷ୍ଣବ ମେହେର ଓ ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମ ମଂଚାସୀନ ଥିଲେ। ପ୍ରାରମ୍ଭରେ ଶ୍ରୀ ନେତାମ ଅତିଥି ପରିଚୟ ପ୍ରଦାନ ସହ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ମନମୋହନ ପଣ୍ଡା ସଭା ପରିଚାଳନା କରିଥିଲେ। ସମ୍ମିଳନୀ ଆୟୋଜନରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ। ଶେଷରେ ପଂଚାନନ ନାୟକ ଧନ୍ୟବାଦ ଦେଇ ଥିଲେ।

## ଭାରତ ବିକାଶ ପରିଷଦ ପକ୍ଷରୁ ଏକ ହଜାର ତାଳ ଚାରା ରୋପଣ

**ନୟାଗଡ଼ ଟାଉନ,(ନି.ପ୍ର) :** ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ତରଫରୁ ଏକହଜା ତାଳ ଚାରା ରୋପଣର ଶୁଭାରମ୍ଭ ନୟାଗଡ଼ ରେଲୱେ ଷ୍ଟେସନ ନିକଟରେ କରାଯାଇଛି। ଅଧ୍ୟକ୍ଷ ପ୍ରସନ୍ନ କୁମାର ବସନ୍ତିଆଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦର ସଦସ୍ୟଙ୍କ ସମେତ ନୟାଗଡ଼ର ଅନେକ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଭାରତ ବିକାଶ ପରିଷଦର ସଦସ୍ୟମାନେ ହେଲେ ପ୍ରମୋଦ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ଉଦୟନାଥ ନାୟକ, ଦାମୋଦର ସାହୁ, ଦୁର୍ଯ୍ୟୋଧନ ସାହୁ, ଗୋବିନ୍ଦ ସାହୁ, ବସନ୍ତ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ କୁମାର ଡାକୁଆ, ଲକ୍ଷ୍ମୀଧର ମହାପାତ୍ର, ଅଜିତ କୁମାର ମିଶ୍ର ଓ ଗୋକୁଳ ଷଡଙ୍ଗୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରକାଶଥାଉ କି, ବିଗତ ଦୁଇବର୍ଷ ଧରି ଭାରତ ବିକାଶ ପରିଷଦ ତରଫରୁ ବାର୍ଷିକ ଏକହଜାର ଲେଖାଏଁ ତାଳ ଚାରା ରୋଲୱେ ଲାଇନ୍ କଡ଼ରେ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ୟୋକ୍ତାମାନଙ୍କ ମତରେ ତାଳଗଛ ଘଡ଼ଘଡ଼ି ମାରିବାରୁ ପ୍ରାଣୀଜଗତକୁ ବଞ୍ଚାଇଥାଏ। ଏଥିସହିତ ତାଳ ଗଛରେ ବାୟା ଚଢ଼େଇ ବସା କାରିଥାଏ, ଏହାର ପତ୍ରରୁ ବିଞ୍ଚଣା, ଆସନ, ଖେଳନା ଇତ୍ୟାଦି ପ୍ରସ୍ତୁତ ହୁଏ। ତାଳସଜ ଓ ପାଚିଲା ତାଳ ପ୍ରାଣୀ ସମାଜର ଏକ ଉତ୍ତମ ଖାଦ୍ୟ ଆକାରରେ ବ୍ୟବହାର କରାଯାଏ। ଆଗାମୀ ଦିନରେ କୁସୁମୀ ନଦୀ କୂଳରେ ତାଳଚାରା ରୋପଣ କରାଯିବା ନିମନ୍ତେ ସ୍ଥିର କରାଯାଇଛି।

# ଶ୍ରୀରାମକୃଷ୍ଣ-ବିବେକାନନ୍ଦ ଆଶ୍ରମ ତରଫରୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ

**ନୟାଗଡ଼,(ନି.ପ୍ର):** ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସଭାକକ୍ଷରେ ଶ୍ରୀରାମକୃଷ୍ଣ ବିବେକାନନ୍ଦ ଆଶ୍ରମ ନୟାଗଡ଼ ତରଫରୁ ଏକ ଯୁବ ସମ୍ମେଳନ ମାଧ୍ୟମରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଆଶ୍ରମ ସଂପାଦକ ସମାଜସେବୀ ଶ୍ରୀଧର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ କାଉ ଓ ଚିଲ ର ଉଦାହରଣ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ହିଂସା ଇର୍ଷା ଓ ନକରାତ୍ମକ ଭାବନାରୁ ଦୂରେଇ ଚିଲ ପରି ନିର୍ଦ୍ଧିଷ୍ଟ ଲକ୍ଷ୍ୟପଥରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ଆଧାର କରି ଜୀବନ ନିର୍ବାହ କରିବାକୁ ସନ୍ଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସ୍ଥିତ ଆଦ୍ରୁତା ଶିଶୁ ସଦନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ବିଜ୍ଞାନ ଓ ବୈଷୟିକ ଶିକ୍ଷା ର ଉନ୍ନତି ଦ୍ୱାରା ମନୁଷ୍ୟ ଯେତିକି ପ୍ରଗତି କରିଛି ସେହି ମନୁଷ୍ୟ ଶିକ୍ଷାରେ ମୂଲ୍ୟବୋଧର ଅଭାବ ହେତୁ ସେତିକି ଅବନତି ମଧ କରୁଛି। ତେଣୁ ନିଜକୁ ସୁନାଗରିକ ଭାବେ ଗଢ଼ି ତୋଳିବାକୁ ହେଲେ ମୁଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ଜୀବନରେ ଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ସଭାରେ ସଭାପତିତ୍ୱ କରୁଥିବା ରାମକୃଷ୍ଣ ମିଶନ, ଭୁବନେଶ୍ୱରର ବରିଷ୍ଠ ସନ୍ନ୍ୟାସୀ ଶ୍ରୀମତ ସ୍ୱାମୀ ଅଦ୍ୱୟାନନ୍ଦଜୀ ମହାରାଜ ବୁଦ୍ଧି ଓ ସଦବୁଦ୍ଧି ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରି




ଉପସ୍ଥିତ ଯୁବ ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବାଦ କରିଥିଲେ। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ଷଷ୍ଠ ଶ୍ରେଣୀ ଛାତ୍ରୀ ବିଶ୍ୱ ବିଜିତା ମହାନ୍ତି ଓ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ବିଦ୍ୟା ବିଜିତା ମହାନ୍ତି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଆଲୋଚନା କରିବା ସହିତ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ସୈନିକ ତଥା ସାହିତ୍ୟିକ ଗୋପିନାଥ ସେଠୀ ମଞ୍ଚ ସଂଯୋଜନା କରିଥିଲା ବେଳେ ଶ୍ରୀରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ରାଜ୍ୟ ଆବାହକ ଅଧାପକ ସର୍ବେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଢୀ ଟ୍ୟୁଟୋରିଆଲ୍, ୟୁନିଟେକ ଆବାସିକ ମହାବିଦ୍ୟାଳୟ, କେମ୍ବ୍ରିଜ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୋଡିଜ୍ ଟ୍ୟୁଟୋରିଆଲ୍, ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ବହୁ ଯୁବ ଛାତ୍ରଛାତ୍ରୀ ମାନେ ଯୋଗଦେଇ ଥିଲା ବେଳେ ପ୍ରଫେସର ହରପ୍ରସାଦ ମହାପାତ୍ର, ପ୍ରାଧାପକ ହରେକୃଷ୍ଣ ସାହୁ, ସମାଜସେବୀ ଦାମୋଦର ସାହୁ, ଅରୁଣ କୁମାର ମହାନ୍ତି, ସୂର୍ଯ୍ୟ ମଣି ସାହୁ, ପ୍ରଦୀପ କୁମାର ସାହୁ, ସନ୍ତୋଷ କୁମାର ନାୟକ, କାମାକ୍ଷା ପ୍ରସାଦ ଦାସ, ପ୍ରମୋଦ ପଟ୍ଟନାୟକ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ସାହୁ, ହରିହର ପାତ୍ର, ଲକ୍ଷ୍ମୀକାନ୍ତ ଦାସ, ନୟାଗଡ଼ ସମାଜ ପ୍ରତିନିଧି ଶୁଭେନ୍ଦୁ କୁମାର ଦାସ, ହୀରାଞ୍ଚଳ ପ୍ରତିନିଧି ଗୌରୀଶଙ୍କର ଦାସ, ନିରଂଜନ ନାୟକ ଓ ମନୋଜ କୁମାର ମହାପାତ୍ର ଆଦି ବହୁ ସମାଜସେବୀ ଉପସ୍ଥିତ ଥିଲା ବେଳେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସେବାବ୍ରତୀ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

# ରେଳ ଷ୍ଟେସନ ସଫେଇ ସହିତ ସଚେତନତା ବାର୍ତ୍ତା ବାଣ୍ଟିଲା ନାଗରିକ ମଞ୍ଚ



**ନୟାଗଡ଼,(ନି.ପ୍ର):** ପରିବେଶକୁ ସ୍ୱଚ୍ଛ,ସୁନ୍ଦର ଓ ପରିଷ୍କାର ରଖିବା ଲକ୍ଷ୍ୟରେ ନୟାଗଡ଼ ଟାଉନ ରେଳ ଷ୍ଟେସନ ଏବଂ ଏହାର ପରିସରକୁ ସଫେଇ କରାଯିବା ସହିତ ସଚେତନତାର ବାର୍ତ୍ତା ବାଣ୍ଟିଲା 'ନୟାଗଡ଼ ନାଗରିକ ମଞ୍ଚ'। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ନାଗରିକ ମଞ୍ଚର ସଦସ୍ୟମାନେ ରେଳ ଷ୍ଟେସନ ପରିସରରେ ପଡ଼ିଥିବା ବିଭିନ୍ନ ଅଳିଆ ଆବର୍ଜନା ସଫା କରିବା ସହିତ ଅନାବନା ଅଦରକାରୀ ଗଛ ଗୁଡ଼ିକୁ ଉପୁଡ଼ାଇ ପରିବେଶ ସଫା କରିଥିଲେ। ସେହିପରି ରେଳ ଷ୍ଟେସନକୁ ସଫା ସୁତୁରା ରଖିବା, ବିଭିନ୍ନ ଅଳିଆ ଆବର୍ଜନା ତଥା ପ୍ଲାଷ୍ଟିକ ପାଣି ବୋତଲ ଏବଂ ପାଉଚ ଗୁଡ଼ିକୁ ଏଣେ ତେଣେ ନପକାଇ ଡଷ୍ଟବିନରେ ପକାଇବା,ଷ୍ଟେସନ ମଧ୍ୟରେ ମାଦକ ଦ୍ରବ୍ୟ ସେବନ ନକରିବା ଆଦି ସଚେତନତା ବାର୍ତ୍ତା ଲେଖା ଥିବା ସନ ବୋର୍ଡ଼ ଗୁଡ଼ିକୁ ନାଗରିକ ମଞ୍ଚ ପକ୍ଷରୁ ଷ୍ଟେସନର ବିଭିନ୍ନ ସ୍ଥାନରେ ସ୍ଥାପନ କରା ଯାଇଥିଲା। ନୟାଗଡ଼ ନାଗରିକ ମଞ୍ଚ ସଭାପତି ତଥା ସମାଜସେବୀ ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସଫେଇ ଏବଂ ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ବସନ୍ତ କୁମାର ମିଶ୍ର, ଦାମୋଦର ସାହୁ, ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମୀଧର ମହାପାତ୍ର, ଗୋକୁଳ ଷଡଙ୍ଗୀ, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ଅଜିତ କୁମାର ମିଶ୍ର, ପ୍ରସନ୍ନ କୁମାର ବସନ୍ତିଆ, ଲକ୍ଷ୍ମୀକାନ୍ତ ଦାଶ, ଗୋବିନ୍ଦ ସାହୁ, ଉଦ୍ୟନାଥ ନାୟକ, ପ୍ରଦୀପ୍ତ ଡାକୁଆ ପ୍ରମୁଖ ସାମିଲ ହୋଇଥିବା ବେଳେ ନୟାଗଡ଼ ମୁନିସିପାଲଟିର ସଫେଇ କର୍ମଚାରୀ ତଥା ରେଳବିଭାଗ ଷ୍ଟେସନ ମ୍ୟାନେଜର ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରତ୍ୟେକ ମାସର ଦ୍ୱିତୀୟ ରବିବାର ଏହିପରି ସଫେଇ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଥର୍ମାକ୍ସ ଶକ୍ତି କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନକୁ ରିଡ଼ିସକଭର ରୋଡ଼ସୋରେ ପ୍ରଦର୍ଶିତ

**ଭୁବନେଶ୍ୱର,୧୭।୯ (ମହାଭାରତ):** ଥର୍ମାକ୍ସ, ଶକ୍ତି ଏବଂ ପରିବେଶ ସମାଧାନ ପ୍ରଦାନକାରୀ ଭାବରେ ଏକ ଅଗ୍ରଣୀ ପ୍ରତିଷ୍ଠାନ ତଥା ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଏକ ବିଶ୍ୱସ୍ତ ସହଯୋଗୀ, ଏଇ ନିକଟରେ ଭୁବନେଶ୍ୱର ଠାରେ ଏହାର ରିଡ଼ିସକଭର ରୋଡ଼ସୋ ସମାପନ କରିଛି।

ଏହି କାର୍ଯ୍ୟକ୍ରମ ଯେଉଁ ବିଷୟ ଗୁଡ଼ିକ ଉପରେ ଅଧିକ ଆଲୋକପାତ କରିଛି ସେଗୁଡ଼ିକ ହେଉଛି, ଥର୍ମାକ୍ସର ବିସ୍ତାରିତ ଉତ୍ପାଦନ ଶୃଙ୍ଖଳ, ସେବା ତଥା ପ୍ରକଳ୍ପ ଯାହାର ଲକ୍ଷ୍ୟ, ଶକ୍ତି ପରିବର୍ତ୍ତନକୁ ଆହୁରି ଅଧିକ ଅଗ୍ରଗାମୀ କରିବା ସହିତ ପରିବେଶ ଜନିତ ସ୍ଥାୟିତ୍ୱକୁ ଧରି ରଖିବା। ରହି ଆସିଥିବା ଏହାର ପରମ୍ପରା ତଥା ଆଧୁନିକ ଜ୍ଞାନକୌଶଳ କଳାର ଉପଯୋଗୀ, ଦକ୍ଷତା ବୃଦ୍ଧି ଗଠନ ତଥା ଶିଳ୍ପ ଉପଯୋଗୀ ଏବଂ ପ୍ରଣାଳୀରେ ପରିବେଶ ଜନିତ ପ୍ରଭାବକୁ ହ୍ରାସ କରିବା ଉପରେ ଏଥିରେ ଯୋଗଦେଇଥିବା ଅଂଶଗ୍ରହଣକାରୀ ମାନେ ଅଧିକ ଦୃଷ୍ଟି ପ୍ରଦାନ କରିଥିଲେ।

ଲୁହା, ଇସ୍ପାତ, ଆଲୁମିନିୟମ, ଖଣି ତଥା କୋଇଲା ଭଳି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ବିକାଶ ପରିଲକ୍ଷିତ ହେବା ସହିତ ଏସବୁ କ୍ଷେତ୍ରକୁ ନେଇ ଓଡ଼ିଶା ଶିଳ୍ପ ସମ୍ବନ୍ଧୀୟ ଆଗ୍ରହକୁ ନେଇ ଏକ ନିର୍ଣ୍ଣାୟକ ବିନ୍ଦୁରେ ପହଂଚି ପାରିଛି। ଫଳ ସ୍ୱରୂପ ଓଡ଼ିଶା ଭାରତର ପାଖାପାଖି ଅଧାଅଧି ଖଣିଜ ଉତ୍ପାଦନ ପ୍ରଦାନର ଅଂଶଦାନ କରିଛି। ୧୯୮୦ ମସିହାରୁ ଥର୍ମାକ୍ସ ଏହି ଅଂଚଳରେ ଅଧିକ ଚ଼ଳଚଂଚଳ ରହି ବାଷ୍ପ, ଶକ୍ତି, ଜଳ ପରିଚାଳନା, ନିଃସରଣ ନିୟନ୍ତ୍ରଣ ତଥା ରାସାୟନିକ ଉପଯୋଗୀତାର ସମାଧାନ ଦିଗରେ ନିଜ ମତାମତ ପ୍ରଦାନ ପୂର୍ବକ ଶିଳ୍ପ ସମୃଦ୍ଧ ବୃଦ୍ଧିକୁ ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିଆସୁଅଛି।

ବିଶୁଦ୍ଧ ଜ୍ଞାନକୌଶଳର ଉପଯୋଗ କରିବା ଇତ୍ୟାଦି ପାଇଁ ପରିବ?ନୀୟ ଶକ୍ତି ତଥା ଶିଳ୍ପ ଗୁଡ଼ିକୁ ଅଙ୍ଗାର କଣା ମୁକ୍ତ କରିବା ଭଳି ଦିଗଗୁଡ଼ିକୁ ଆହୁରି ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି ରୋଡ୍ ସୋ ଥର୍ମାକ୍ସର ବିଭିନ୍ନ ପ୍ରକାରର ଉନ୍ନତ ମାନର ସମାଧାନ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛି ଯାହା ମଧ୍ୟରେ ରହିଛି – ଉତ୍ତପ୍ତ ବର୍ଜ୍ୟବସ୍ତୁ ଉତ୍ତୋଳନ ଯାହାକି ଟର୍ବାଇନ ତଥା ଇଞ୍ଜିନରୁ ନିର୍ଗତ ହୋଇଥାଏ ଏବଂ ଶିଳ୍ପ ସମ୍ବନ୍ଧୀୟ ପ୍ରଣାଳୀର ବର୍ଜ୍ୟ ଉ?ପରୁ ଏହାକୁ ଧରି ରଖାଯାଇଥାଏ।

# ଏନଏମଡିସି ପକ୍ଷରୁ ସ୍ଲରି ପାଇପଲାଇନ ଓ ନୂଆ ପ୍ରୋସେସିଂ ପ୍ଲାଂଟ ସ୍ଥାପନ

**ଭୁବନେଶ୍ୱର,୧୭।୯ (ମହାଭାରତ):** ନବରତ୍ନ ରାଷ୍ଟ୍ରାୟତ ଉଦ୍ୟୋଗ ତଥା ଭାରତର ସର୍ବବୃହତ ଲୁହାପଥର ଉତ୍ପାଦନକାରୀ ଏନଏମଡିସି ଲିମିଟେଡ ପକ୍ଷରୁ ଏକ ସ୍ଲରି ପାଇପଲାଇନ ଓ ନୂଆ ପ୍ରୋସେସିଂ ପ୍ଲାଂଟ ସ୍ଥାପନ ଲାଗି ୨,୨୦୦ କୋଟି ଟଙ୍କା ଆବଂଟନ କରାଯାଇଛି। ଏହି ନିବେଶ କଂପାନିର ଉତ୍ପାଦନ କ୍ଷମତାକୁ ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନକୁ ବୃଦ୍ଧି କରିବ। ଏହି ମହତ୍ୱକାଂକ୍ଷୀ ସମ୍ପ୍ରସାରଣ ଏନଏମଡିସିର ଭିତିଭୂମି ଓ ପରିଚାଳନାକୁ ସୁଦୃଢ଼ କରିବ।

ଏନଏମଡିସିର ସିଏମଡି (ଅତିରିକ୍ତ ଦାୟିତ୍ୱ) ଶ୍ରୀ ଅମିତାଭ ମୁଖାର୍ଜୀ କହିଛନ୍ତି ଯେ, "୨୦୩୦ ସୁଦ୍ଧା ୪୫ ନିୟୁତ ଟନରୁ ୧୦୦ ନିୟୁତ ଟନ ପର୍ଯ୍ୟନ୍ତ ରୂପାନ୍ତରଣ ମହତ୍ୱକାଂକ୍ଷୀ ହୋଇଥିବା ବେଳେ ଏହା ସ୍ଥାୟିତ୍ୱ ଓ ନବସୃଜନ ସହ ଯୋଡ଼ି ହୋଇରହିଛି। ଆମ ରୋଡମ୍ୟାପ କେବଳ ଉତ୍ପାଦନ ବଢ଼ାଇବା ନୁହେଁ, ବରଂ ଦାୟିତ୍ୱବାନ ଭାବେ କାମ କରିବ। ଆମ କାର୍ଯ୍ୟକ୍ଷେତ୍ର ଗୋଷ୍ଠୀ ପ୍ରତି ସକାରାତ୍ମକ ଯୋଗଦାନ ପ୍ରଦାନ କରିବା ସହ ଆମ ପରିବେଶ ପ୍ରଭାବ କମ କରିବାକୁ ଆମେ ସମର୍ପିତ ରହିଛୁ। ସ୍ଥାୟୀ ଅଭିବୃଦ୍ଧି ପ୍ରତି ଆମେ ପ୍ରତିବଦ୍ଧ।" ଦ୍ରୁତ ଶିଳ୍ପାୟନ ଫଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲୁହାପଥର ଚାହିଦା ବୃଦ୍ଧି ପାଉଥିବାରୁ ଏନଏମଡିସି ଏହାର ସଂପ୍ରସାରଣ କରୁଛି। କଂପାନିର ଗୁରୁତ୍ୱପୂର୍ଣ୍ଣ ନିବେଶ ଯୋଜନାରେ ଉତ୍ପାଦନ କ୍ଷମତା ବଢ଼ାଇବା ଓ ନିଷ୍କାସନ ଭିତିଭୂମିରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ସାମିଲ ରହିଛି ଏକ ଅତ୍ୟାଧୁନିକ ସ୍ଲରି ପାଇପଲାଇନ, ପେଲେଟ ଓ ବେନିଫିକେସନ ପ୍ଲାଂଟ ଓ ଏକ ଦୃଢ଼ ଷ୍ଟକୟାର୍ଡ ନେଟଓ୍ୱର୍କ। ଏହି ପ୍ରକଳ୍ପରେ ବାଚେଲି-ନଗରନାର ପର୍ଯ୍ୟନ୍ତ ୧୩୫ କିମିର ଏକ ସ୍ଲରି ପାଇପଲାଇନ ସ୍ଥାପନ କରାଯିବ ଯାହା ଦ୍ୱାରା ପାରମ୍ପରିକ ଅଙ୍ଗାରକାମ୍ଳ ନିର୍ଗମନ ଜନିତ ପରିବହନ ବିନା ପରିବେଶ ମିତବ୍ୟୟୀ ଓ ସୁଲଭ ଢଙ୍ଗରେ ପାଇପଲାଇନରେ ମାଲ ପରିବହନ କରାଯାଇପାରିବ।

# ସାମସଙ୍ଗ ଟିଭି ପ୍ଲସ ଗ୍ରାହକମାନଙ୍କ ପାଇଁ ଇଣ୍ଡିଆ ଟିଭି ଗ୍ରୁପ ତରଫରୁ ୪ଟି ନୂଆ ଚାନେଲ ଯୋଗ କରିଛି

**ଭୁବନେଶ୍ୱର,୧୭।୯ (ମହାଭାରତ):** ସାମସଙ୍ଗ ଟିଭି ପ୍ଲସ, ଭାରତରେ ଏହି ବ୍ରାଣ୍ଡର ବିଜ୍ଞାପନ ମୁକ୍ତ ସମର୍ଥିତ ପ୍ରଦାନକାରୀ ଟିଭି (ଏଫଏଏସଟି) ସେବା, ଇଣ୍ଡିଆ ଟିଭି ଗ୍ରୁପର ମିଳିତ ସହଯୋଗରେ ଏହାର ପୋର୍ଟଫୋଲିଓରେ ୪ଟି ନୂଆ ଚାନେଲର ଶୁଭାରମ୍ଭ କରିଛି। ମିଳିତ ସହଯୋଗର ଅଂଶବିଶେଷ ଭାବରେ ଇଣ୍ଡିଆ ଟିଭି ଗ୍ରୁପର କନେକ୍ଟେଡ଼ ଟିଭି (ସିଟିଭି) ଚାନେଲ ଏକ୍ସକ୍ଲୁଜିଭ ଇଣ୍ଡିଆ ଟିଭି, ଇଣ୍ଡିଆ ଟିଭି ସ୍ପିଡ଼ ନ୍ୟୁଜ, ଇଣ୍ଡିଆ ଟିଭି ଆପକି ଅଦାଲତ ତଥା ଇଣ୍ଡିଆ ଟିଭି ଯୋଗ ଭଳି ଚାନେଲକୁ ସାମସଙ୍ଗ ଟିଭି ପ୍ଲସ ପ୍ଲାଟଫର୍ମରେ ପ୍ରଦାନ କରିବାର ସୁବିଧା କରିଛି। ଦର୍ଶକମାନେ ବର୍ତ୍ତମାନ ଉଚ୍ଚମାନର ବର୍ଦ୍ଧିତ ପ୍ରସଙ୍ଗ ଯୁକ୍ତ ଅଫରକୁ ନେଇ ସମ୍ବାଦ, ବ?ମାନର ବିଷୟବସ୍ତୁ, ସୁସ୍ଥତା ତଥା ଆମୋଦ ପ୍ରମୋଦକାରୀ ଚାନେଲକୁ ଉପଭୋଗ କରିପାରିବେ। ସାମସଙ୍ଗ ଟିଭି ପ୍ଲସ ଏକ ମାଗଣା ଷ୍ଟ୍ରିମିଙ୍ଗ ସେବା ପ୍ରଦାନକାରୀ ଅଟେ ଯାହା ସାମସଙ୍ଗ ସ୍ମାର୍ଟ ଟିଭିରେ ପ୍ରି-ଇନଷ୍ଟଲ ହୋଇଥାଏ ଯାହା ବିସ୍ତୃତ ଭାବରେ ଅନେକ ଗୁଡ଼ିଏ ଚାନେଲ ବଛା ବଛା ଦେଶ ମଧ୍ୟରେ ସମ୍ବାଦ, ଖେଳ ତଥା ଆମୋଦ ପ୍ରମୋଦକାରୀତାକୁ ଏଥିରେ ସାମିଲ କରିଥାଏ।

# ଚାଇନାକୁ ହରାଇ ଭାରତ ଚାମ୍ପିୟନ



## ● ଯୁଗରାଜଙ୍କ ଗୋଲ୍‌ରେ ଚୀନକୁ ୧-୦ ହରାଇଲା
## ● କ୍ରମାଗତ ଦ୍ୱିତୀୟ ଓ ରେକର୍ଡ ୫ମ ଥର ବିଜେତା

ବେଜିଂ, ୧୭।୯: କମାଲ କରିଛି ଭାରତୀୟ ପୁରୁଷ ହକି ଟିମ। ଋଇନାକୁ ଚିତ କରି ରେକର୍ଡ ୫ମ ଥର ପାଇଁ ଏସିଆନ ଋମ୍ପିୟନ୍ସ ଟ୍ରଫିକୁ କବଜା କରିଛି ଭାରତ। ଘରୋଇ ପରିବେଶରେ ଋଇନା ପ୍ରଥମ ଥର ଫାଇନାଲ ଖେଳୁଥିଲେ ହେଁ ଅପରାଜେୟ ଭାରତକୁ ଋମ୍ପିୟନ ହେବାରୁ ରୋକି ପାରିନି। ଆଜି ଫାଇନାଲରେ ହରମନପ୍ରୀତ ସିଂହଙ୍କ ଭାରତୀୟ ଟିମ କଡ଼ା ସଂଘର୍ଷ ସହ ଋଇନାକୁ ୧-୦ରେ ହରାଇ ଟ୍ରଫି ଜିତିଛି। ଭାରତ ପକ୍ଷରୁ ଯୁଗରାଜ ସିଂହ ହିଁ ଏକମାତ୍ର ଗୋଲ ସ୍କୋର କରିଛନ୍ତି ଏହି ଗୋଲଟି ଶେଷ କ୍ୱାର୍ଟର(୫୧ତମ ମିନିଟ)ରେ ହିଁ ମିଳିଥିଲା। ଋଇନା ପ୍ରଥମଥର ଫାଇନାଲ ଖେଳୁଥିଲେ ହେଁ ଭାରତକୁ କଡ଼ା ଟକ୍କର ଦେବାକୁ ସକ୍ଷମ ହୋଇଥିଲା। ବିଶେଷ କରି ଋଇନାର ଗୋଲ କିପର ଏକାଧିକ ଗୋଲକୁ ରୋକିବାକୁ ସକ୍ଷମ ହୋଇଥିଲେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତ ତାର ଏସିଆନ ଋମ୍ପିୟନ୍ସ ଟ୍ରଫି ଅଭିଯାନ ଋଇନାକୁ ହରାଇ ଆରମ୍ଭ କରିଥିଲା। ଆଜି ଫାଇନାଲରେ ସେହି ଋଇନାକୁ ହରାଇ ଋମ୍ପିୟନ ହୋଇଛି। ୨୦୨୩ ଏସିଆନ ଋମ୍ପିୟନ୍ସ ଟ୍ରଫି ମଧ୍ୟ ଭାରତ ଜିତିଥିଲା। ଦଳ ଫାଇନାଲରେ ମାଲେସିୟାକୁ ୪-୩ ଗୋଲରେ ହରାଇ ଟ୍ରଫି କବଜା କରିଥିଲା। ଏଥର ଋଇନାକୁ ହରାଇ ଋମ୍ପିୟନ ହୋଇଛି।

୨୦୧୧, ୨୦୧୬, ୨୦୧୮, ୨୦୨୩ ଓ ୨୦୨୪ରେ ଭାରତ ଏସିଆନ ଋମ୍ପିୟନ୍ସ ଟ୍ରଫିରେ ଋମ୍ପିୟନ ହୋଇଛି। ଦଳକୁ କେବଳ ୨୦୧୨ରେ ରନର୍ସ ଅପ ହେବାକୁ ପଡ଼ିଥିଲା। ସେହିପରି ୨୦୧୩ରେ ଦଳ ଫାଇନାଲକୁ ଯାଇ ପାରି ନଥିଲା। ଏହି ୨ ବିପର୍ଯ୍ୟୟକୁ ଛାଡ଼ି ଦେଲେ ଭାରତ ସବୁ ସଂସ୍କରଣରେ ନିଜର ଦବଦବା ଦେଖାଇ ଋଲିଛି। ଏଥର ମଧ୍ୟ ହରମନପ୍ରୀତ ସିଂହଙ୍କ ନେତୃତ୍ୱର ପୂରା ଟୁର୍ଣ୍ଣାମେଣ୍ଟରେ ଦଳ ଅପରାଜେୟ ରହି ଟ୍ରଫି ହାସଲ କରିଛି।

ବିଜୟ ପରେ ଭାରତୀୟ ଟିମକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ହକି ଇଣ୍ଡିଆ ପକ୍ଷରୁ ୫ମ ଥର ପାଇଁ ଏସିଆନ ଋମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳ ପାଇଁ ଆର୍ଥିକ ପୁରସ୍କାର ମଧ୍ୟ ଘୋଷଣା କରାଯାଇଛି। ବିଜୟୀ ଟିମରେ ଥିବା ସମସ୍ତ ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ମିଳିବ। ସେହିପରି ସପୋର୍ଟ ଷ୍ଟାଫଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ ବୋଲି ହକି ଇଣ୍ଡିଆ ଘୋଷଣା କରିଛି।

# ପାକିସ୍ତାନ ଖେଳାଳିଙ୍କ ହାତରେ ଚୀନ୍ ପତାକା



ନୂଆଦିଲ୍ଲୀ, ୧୭।୯: ପ୍ୟାରିସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଟିମ ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହି ଘରକୁ ଋଇନାରୁ ଟ୍ରଫି ଆଣିଛି। ଋଇନା ଘରୋଇ ପରିବେଶରେ ପ୍ରଥମଥର ପାଇଁ ଫାଇନାଲ ଖେଳୁଥିବା ବେଳେ ଯୁଗରାଜ ସିଂହଙ୍କ ଏକମାତ୍ର ଗୋଲ ଯୋଗୁ କୌଣସି ବିପର୍ଯ୍ୟୟ ସୃଷ୍ଟି କରିପାରି ନାହିଁ।ପାକିସ୍ତାନ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କୋରିଆକୁ ହରାଇ କିଛିଟା ଆଶ୍ୱସ୍ତି ହୋଇଛି।

ତେବେ ଫାଇନାଲରେ ଏକ ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଫାଇନାଲରେ ପାକିସ୍ତାନର ଖେଳାଳିମାନେ ଷ୍ଟାଡିୟମରେ ଉପସ୍ଥିତ ରହିଥିଲେ। ଋଇନା ସେମିରେ ଫାକିସ୍ତାନକୁ ହରାଇଥିଲା। ହେଲେ ଫାଇନାଲରେ ପାକିସ୍ତାନର ଖେଳାଳିମାନେ ଋଇନାର ସମର୍ଥନ କରିଥିଲେ। ସେମାନେ ଋଇନିଜ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ୍ ବେଳେ ଋଇନାର ପତାକା ମଧ୍ୟ ଧରିଥିଲେ। ତୃତୀୟ କ୍ୱାର୍ଟର ଯାଏ ଭାରତ ମ୍ୟାଚରେ କୌଣସି ଗୋଲ ସ୍କୋର କରିପାରି ନଥିବାରୁ ପାକିସ୍ତାନ ଖେଳାଳିମାନେ ବେଶ ଉତ୍ସାହିତ ହୋଇଥିଲେ। ସେମାନେ ଋଇନା ପତାକା ଉଡ଼ାଇଥିଲେ। କିନ୍ତୁ ୪ର୍ଥ କ୍ୱାର୍ଟର ଅର୍ଥାତ ୫୧ତମ ମିନିଟରେ ଯୁଗରାଜ ଭାରତ ପାଇଁ ଗୋଲ ମାରିବା ପରେ ପାକିସ୍ତାନ କୋଚ୍ ଓ ଖେଳାଳିଙ୍କ ମୁହଁ ଫିକା ହୋଇଯାଇଥିଲେ। ସେମାନେ ଋଇନା ପତାକା ଧରି ତଳକୁ ମୁହଁ ପୋତି ବସିଥିବାର ଫଟୋ ମଧ୍ୟ ସାମ୍ନାକୁ ଆସିଛି। ଏହି ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ପାକିସ୍ତାନ ଖେଳାଳିଙ୍କୁ ଅନେକ କଟାକ୍ଷ କରିଛନ୍ତି ସେମାନଙ୍କର ମିମ୍ସ ବନାଇ ଶେୟାର କରିବାରେ ଲାଗିଛନ୍ତି।

# ରୋହିତଙ୍କ ଲକ୍ଷ୍ୟ କେବଳ ବିଜୟ

ଚେନ୍ନାଇ, ୧୭।୯: ଗୁରୁବାର ଭାରତ ଓ ବାଂଲାଦେଶ ମଧ୍ୟରେ ଟେଷ୍ଟ ସିରିଜ ଆରମ୍ଭ ହେବ ପ୍ରଥମ ଟେଷ୍ଟ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ। ଏଥିପାଇଁ ଦୁଇ ଦଳ ଝାଳବୁହା ପରିଶ୍ରମ କରିବାରେ ଲାଗିଛନ୍ତି। ତେବେ ପ୍ରଥମ ଟେଷ୍ଟ ପୂର୍ବରୁ ମଙ୍ଗଳବାର ଚେନ୍ନାଇରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ବାଂଲାଦେଶ ସମ୍ପର୍କରେ ମଜାଳିଆ କଥା କହିଛନ୍ତି।ଦୀର୍ଘ ୪୫ ଦିନର ବ୍ୟବଧାନ ପରେ ଟିମ ଇଣ୍ଡିଆ ବ୍ରେକ ପରେ ମ୍ୟାଚ ଖେଳିବାକୁ ମୈଦାନକୁ ଓହ୍ଲାଇବ କିନ୍ତୁ ବାଂଲାଦେଶ ନିକଟରେ ପାକିସ୍ତାନ ବିପକ୍ଷରେ ଐତିହାସିକ ୨-୦ ଟେଷ୍ଟ ବିଜୟ ହାସଲ କରିଥିଲା।

ଭାରତରେ ବାଂଲାଦେଶ ଭିନ୍ନ ତଥା ଅତ୍ୟନ୍ତ କଷ୍ଟକର ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। କାରଣ ପାକିସ୍ତାନ ତୁଳନାରେ ଭାରତୀୟ ଟିମ ବେଶ ଶକ୍ତିଶାଳୀ ଦଳ। ଏବେ ବିଶ୍ୱ ଟେଷ୍ଟ




ଋମ୍ପିୟନ୍ସଶିପ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ତଥାପି ରୋହିତ ବାଂଲାଦେଶ ପକ୍ଷରୁ ମିଳିବାକୁ ଥିବା ଚ୍ୟାଲେଞ୍ଜ ପ୍ରତି ମଧ୍ୟ ସତର୍କ ରହିଛନ୍ତି। ଏସବୁ ଭିତରେ ବାଂଲାଦେଶର ଫର୍ମ ସମ୍ପର୍କରେ ରୋହିତଙ୍କୁ ପ୍ରଶ୍ନ କରାଯାଇଥିବା ବେଳେ ସେ ବେଶ ମଜାଳିଆ ଉତ୍ତର ଦେଇଛନ୍ତି।

ସେ କହିଛନ୍ତି, ସବୁ ଦଳ ଭାରତକୁ ହରାଇବାକୁ ଋହାନ୍ତି। ସେମାନଙ୍କୁ ଭାରତକୁ ହରାଇବାରେ ମଜା ଆସିଥାଏ। ସେମାନଙ୍କୁ ମଜା ନେବାକୁ ଦିଅାଯାଉ। ଆମେ ସେମାନଙ୍କୁ କେମିତି ହରାଇବୁ, ତା ଉପରେ ଫୋକସ କରିବୁ। ଆମକୁ ମ୍ୟାଚ ଜିତିବାର ଅଛି ଓ ସେଥିପାଇଁ ଆମେ ଏଠାକୁ ଆସିଛୁ। ସେମାନେ କ'ଣ ଭାବୁଛନ୍ତି, ସେକଥା ଆମେ ଚିନ୍ତା କରୁନାହୁଁ। ଆମ ବିଷୟରେ କୁହନ୍ତୁ ଯେତେବେଳେ ଇଂଲଣ୍ଡ ଏଠାକୁ ଆସିଥିଲା। ସେତେବେଳେ ବି ଅନେକ କିଛି କୁହାଯାଇଥିଲା।

କିନ୍ତୁ ଆମେ ସେସବୁ ଉପରେ ଫୋକସ କରି ନଥିଲୁ ଆମକୁ ରେଜଲ୍ଟ ଦେବାର ଅଛି। ଏଠାରେ ମଧ୍ୟ ଆମେ ସମାନ ଲକ୍ଷ୍ୟ ରଖିଛୁ। ଆମକୁ ଭଲ କ୍ରିକେଟ ଖେଳିବାର ଅଛି। ନିକଟରେ ଆମେ ଅନେକ ଟିମ ସହ ଖେଳିଛୁ। ବିରୋଧୀଙ୍କ ସମ୍ପର୍କରେ ବେଶୀ ଚିନ୍ତା କରିବା ବଦଳରେ ଆମ ସମସ୍ତଙ୍କର ଲକ୍ଷ୍ୟ ହେଲା ବିଜୟ।ଅନ୍ୟପକ୍ଷରେ ବାଂଲାଦେଶର ମୁଖ୍ୟକୋଚ ଚନ୍ଦିକା ହାତୁରୁସିଂଘଙ୍କ ମତ ହେଲା ଭାରତ ଭଳି ଗୋଟିଏ ଶକ୍ତିଶାଳୀ ଦେଶ ବିରୋଧରେ ଖେଳିବା ପରେ ଆମେ ଆମର ପ୍ରକୃତ ସ୍ଥାନକୁ ଜାଣିପାରିବୁ ଅନ୍ତର୍ଜାତୀୟ ସ୍ତରରେ ଆମେ କେଉଁଠି ଅଛୁ, ସେକଥା ବୁଝି ପାରିବୁ ବୋଲି ସେ କହିଛନ୍ତି।

## ଯୁବ ଓ କନିଷ୍ଠ ବର୍ଗରେ ମୀନା ଜିତିଲେ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୭।୯: ଫିଜିରେ ଆୟୋଜିତ ଯୁବ କମନଲେଥ ଭାରୋତ୍ତୋଳନ ଋମ୍ପିଅନସିପରେ ଓଡିଶାର ମୀନା ସାନ୍ତା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ବରିଷ୍ଠ ବିଭାଗରେ ରେପ୍ୟପଦକ ହାସଲ କରିଛନ୍ତି ସେ ସ୍ନାକରେ ୮୧ କିଲୋ ଓ କ୍ଲିନ ଓ ଜର୍କରେ ୯୯ କିଲୋ ଭାରୋତ୍ତୋଳନ କରିଛନ୍ତି। ମୀନା ମୋଟ ୧୮୦କିଲୋ ଭାରୋତ୍ତଳନ କରି ଏହି କୃତିତ୍ୱ ହାସଲ କରିଛନ୍ତି।ଯୁବ କମନଲେଥ ଭାରୋତ୍ତୋଳନ ଋମ୍ପିଅନସିପରେ ଓଡିଶାର ମୀନା ସାନ୍ତା ଓ ଜ୍ୟୋତ୍ସ୍ନା ସବର ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।ସେହିପରି ଜ୍ୟୋତ୍ସ୍ନା ସବର ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ସ୍ନାକରେ ୫୮ କିଲୋ ଓ କ୍ଲିନ ଆଣ୍ଡ ଜର୍କରେ ୬୫ କିଲୋ ଭାରୋତଲନ କରିଛନ୍ତି। ସେ ମୋଟ ୧୨୩ କିଲୋ ଭାରୋତ୍ତଳନ କରି ଯୁବ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଭୟ ମୀନା ଓ ଜ୍ୟୋତ୍ସ୍ନା ସବର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ହାଇ ପରଫରମାନ୍ସ ସେଣ୍ଟରରେ ଅଭ୍ୟାସ କରୁଥିଲେ। ବର୍ତ୍ତମାନ ସମୟରେ ଉଭୟ କ୍ରୀଡ଼ାବିତ୍ ପଂଜବାର ପଟିଆଲାରେ ଅଭ୍ୟାସରତ ଅଛନ୍ତି ଉଭୟ କ୍ରୀଡ଼ାବିତଙ୍କ ସଫଳତାରେ ଓଡ଼ିଶାର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ଟି-୨୦ ବିଶ୍ୱକପ ବିଜେତାଙ୍କୁ ବଡ ପୁରସ୍କାର
## ପୁରୁଷ ଦଳ ଭଳି ମିଳିବ ସମାନ ପୁରସ୍କାର : ଆଇସିସି

ଦୁବାଇ, ୧୭।୯: ଆସନ୍ତା ମାସରୁ ମହିଳା ଟି-୨୦ ବିଶ୍ୱକପ ଆରମ୍ଭ ହେବ। ଏହାପୂର୍ବରୁ ପୁରସ୍କାର ଅର୍ଥକୁ ନେଇ ବଡ଼ ଘୋଷଣା କରିଛି ଆଇସିସି। ପ୍ରଥମଥର ପାଇଁ ମହିଳାମାନେ ମଧ୍ୟ ପୁରୁଷଙ୍କ ଭଳି ସମାନ ପରିମାଣର ଆର୍ଥିକ ପୁରସ୍କାର ବିଶ୍ୱକପରେ ପାଇବେ ଅର୍ଥାତ ପୁରୁଷ ଟି-୨୦ରେ ଯେତିକି ଟଙ୍କାର ପୁରସ୍କାର ରାଶି ବିଭିନ୍ନ ଦଳକୁ ମିଳିଥିଲା ମହିଳା ବିଶ୍ୱକପରେ ମଧ୍ୟ ସମାନ ପରିମାଣର ଅର୍ଥ ମିଳିବ।




କ୍ରିକେଟ ପ୍ରଥମ ଦଳଗତ କ୍ରୀଡ଼ା ଯେଉଁଠାରେ ଉଭୟ ପୁରୁଷ ଓ ମହିଳାମାନେ ବିଶ୍ୱକପରେ ସମାନ ପରିମାଣର ଆର୍ଥିକ ପୁରସ୍କାର ପାଇବେ ଚଳିତ। ବର୍ଷ ୟୁଏଇରେ ମହିଳା ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱକପ ବିଜେତା ଦଳକୁ ଆଇସିସି ୨.୩୪ ମିଲିୟନ ଡଲାର ପ୍ରଦାନ କରିବ।୨୦୨୩ ତୁଳନାରେ ଏହା ୧୩୪% ଅଧିକ।୨୦୨୩ରେ ବିଶ୍ୱକପ ଜିତିଥିବା ଅଷ୍ଟ୍ରେଲିଆ। ଦଳକୁ କେବଳ ୧ ମିଲିୟନ ଡଲାର ମିଳିଥିଲା।ବିଶ୍ୱକପର ରନର୍ସ ଅପ ଦଳକୁ ପୂର୍ବରୁ ୫୦୦,୦୦୦ ଡଲାର ମିଳୁଥିବା ବେଳେ ଏଥର ୧.୧୭ ମିଲିୟନ ଡଲାର ମିଳିବ। ସେମିଫାଇନାଲରେ ହାରିଥିବା ୨ ଦଳକୁ ୬୭୫,୦୦୦ ମିଲିୟନ ଡଲାର ଲେଖାଏ ଦିଆଯିବ ୨୦୨୩ରେ ଏହାର ପରିମାଣ ୨୧୦,୦୦୦ ଡଲାର ଥିଲା।

୨୦୨୪ ଟି-୨୦ ବିଶ୍ୱକପ ପାଇଁ ଆଇସିସି ମୋଟ ୭,୯୫୮,୦୮୦ ଡଲାରର ବ୍ୟବସ୍ଥା କରିଛି। ଏହା ୨୦୨୩ର ୨.୪୫ ମିଲିୟନ ଡଲାର ଠାରୁ ୨୨୫ ପ୍ରତିଶତ ଅଧିକ ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ବିଜୟ ପାଇଁ ୩୧,୧୫୪ ଡଲାର ମିଳିବ। ଯେଉଁ ୬ଟି ଟିମ ସେମି ଫାଇନାଲକୁ ଯାଇ ପାରିବେ ନାହିଁ, ସେମାନଙ୍କ ମଧ୍ୟରେ ୧.୩୫ ମିଲିୟନ ଡଲାର ବଣ୍ଟା ଯିବ।


ପଏଣ୍ଟ ଟେବୁଲରେ ଥିବା ସ୍ଥାନ ଅନୁସାରେ ଟଙ୍କା ଦିଆଯିବ। ପ୍ରତି ଗ୍ରୁପରେ ତୃତୀୟ ଓ ୪ର୍ଥ ସ୍ଥାନରେ ରହୁଥିବା ଦଳକୁ ୨୭୦,୦୦୦ ଡଲାର ପ୍ରଦାନ କରିଯିବ ।୫ମ ସ୍ଥାନରେ ରହୁଥିବା ଦଳକୁ ୧୩୫,୦୦୦ ଡଲାର ମିଳିବ। ବିଶ୍ୱକପରେ ଭାଗ ନେଉଥିବା ଦଳ ନିଶ୍ଚିତ ଭାବେ ୧୧୨,୫୦୦ ଡଲାର ପାଇବେ। ଆଇସିସି ମହିଳା କ୍ରିକେଟକୁ ଅଧିକ ଲୋକପ୍ରିୟ କରିବାକୁ ଋହୁଁଛି। ୨୦୩୨ ସୁଦ୍ଧା ଏହା ଅଭିବୃଦ୍ଧି ଲକ୍ଷ୍ୟରେ ସଂସ୍ଥା ରହିଛି।ଆଇସିସି ମହିଳା ଟି-୨୦ ବିଶ୍ୱକପ ଅକ୍ଟୋବର ୩ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଓ ସ୍କଟ ଲ୍ୟାଣ୍ଡ ମୁହାଁମୁହିଁ ହେବେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଦଳ ୨୩ଟି ମ୍ୟାଚ୍ ଖେଳିବେ ଦୁବାଇ ଓ ସାରଜାରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ।

## ଆଜିଠୁ ଜାତୀୟ ୱାଟରପୋଲୋ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର: କେରଳର ଥିରୁନନ୍ତପୁରମରେ ସେପ୍ଟେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବରିଷ୍ଠ ଆକ୍ୱାଟିକ (ୱାଟରପୋଲୋ) ପ୍ରତିଯୋଗିତା ଲାଗି ଓଡ଼ିଶା ମହିଳା ଦଳ ଘୋଷିତ ହୋଇଛି। ପୂଜା ପଧାନଙ୍କ ନେତୃତ୍ୱରେ ଖେଳିବାକୁ ଥିବା ଏହି ଦଳରେ ସୁକୁମଣି କିଶାନ (ଗୋଲରକ୍ଷିକା), ସ୍ମିତାସ୍ମୃତି ସାହୁ, ରିଙ୍କି ମୁର୍ମୁ, ସୁଅାଲମଣି ମାର୍ଣ୍ଡି, ଶୁଭସ୍ମିତା ମାଝୀ, କୃଷ୍ଣପ୍ରିୟା ନାଏକ, ରେଶ୍ମା ମାଝୀ, ରେଣୁକା ତିରିୟା, ରିନୁ ମାଝୀ, ଆଶିକା ଟୋପ୍ପୋ, ମାନୁନି ମାଝୀ, ଅଞ୍ଜଳି ମୁଣ୍ଡା ଖେଳାଳି ରହିଛନ୍ତି।

# ନୀରଜଙ୍କୁ ଶୁଭେଚ୍ଛା ସହ ଆରୋଗ୍ୟ କାମନା କଲେ ମନୁ





ନୂଆଦିଲ୍ଲୀ, ୧୭।୯: ବ୍ରସେଲ୍ସରେ ଅନୁଷ୍ଠିତ ଡାଏମଣ୍ଡ ଲିଗ୍ ଫାଇନାଲରେ ଭାରତର ତାରକା ଜାଭେଲିନ ଖେଳାଳି ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ମାତ୍ର ଏକ ସେଣ୍ଟିମିଟର ପାଇଁ ଋମ୍ପିଅନ ହେବାକୁ ବଞ୍ଚିତ ହୋଇଥିଲେ। ଏହା ପରେ ନୀରଜ ଏକ ପୋଷ୍ଟ ମାଧ୍ୟମରେ କହିଥିଲେ,ତାଙ୍କ ହାତରେ ଫ୍ରାକ୍‌ଚର ଅଛି ଏବଂ ଏହା ସତ୍ତ୍ୱେ ସେ ଖେଳିବାକୁ ଆସି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।ଚଳିତ ସିଜିନ୍ ଶେଷ ହୋଇଛି ଏବଂ ବର୍ତ୍ତମାନ ଆଗାମୀ ସିଜନରେ ଅଧିକ ଶକ୍ତିଶାଳୀ ଭାବେ ପ୍ରତ୍ୟାବର୍ତ୍ତନ କରିବି।

ଏହି ପୋଷ୍ଟରେ ପ୍ରଶଂସକଙ୍କ ଠାରୁ ଅନେକ ପ୍ରତିକ୍ରିୟା ଆସିଥିଲା ଏବଂ ସମସ୍ତେ ନୀରଜଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ପୋଷ୍ଟରେ ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ସୁଟର ମନୁ ଭାକରଙ୍କ ପ୍ରତିକ୍ରିୟା ମଧ୍ୟ ଆସିଛି। ସେ ନୀରଜଙ୍କ ଟୁଇଟ୍‌କୁ ଶେୟାର କରି ଏହାର କ୍ୟାପସନରେ କିଛି ଲେଖିଛନ୍ତି ଯାହା ପ୍ରଶଂସକଙ୍କ ହୃଦୟ ଜିତିଛି। ମନୁ ନୀରଜଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଆଘାତରୁ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ନୀରଜଙ୍କ ପୋଷ୍ଟର ପ୍ରତିକ୍ରିୟାରେ ସେ ଲେଖିଛନ୍ତି, ୨୦୨୪ରେ ଏକ ଚମତ୍କାର ସିଜିନ୍ ପାଇଁ ନୀରଜଙ୍କୁ ଅଭିନନ୍ଦନ। ମୁଁ ତୁମର ଶୀଘ୍ର ଆରୋଗ୍ୟ ସହ ଏବଂ ଆଗାମୀ ବର୍ଷରେ ଅଧିକ ସଫଳତା କାମନା କରୁଛି। ମନୁଙ୍କ ନାମ ପ୍ୟାରିସ ଅଲିମ୍ପିକ ରୌପ୍ୟ ପଦକ ବିଜେତା ତଥା ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସହ ଯୋଡା ଯାଇଥିଲା। ତେବେ ଏହାକୁ ତାଙ୍କ ପରିବାର ଖଣ୍ଡନ କରିଛନ୍ତି। ଏକ ଶୋରେ ନୀରଜଙ୍କ ବିଷୟରେ ପ୍ରଶ୍ନ ପଚରାଯିବା ପରେ ମନୁ ରାଗିଯାଇ ଇଭେଣ୍ଟ ଛାଡ଼ିଥିଲେ। ବ୍ରସେଲ୍ସରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚରେ ନୀରଜ ୮୭.୮୬ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଆର୍ନ୍ତଜାତିକ ଗେଟ୍‌ବଲ୍ ଚମ୍ପିୟାନ୍‌ସିପ
# ଭାରତୀୟ ଟିମ୍‌ରେ ପ୍ରତିନିଧିତ୍ୱ କରିବେ ସୋଆ ପ୍ରଫେସର

ଭୁବନେଶ୍ୱର, ୧୭।୯ : ଆସନ୍ତା ମାସ ତାଓୟୁଆନ୍, ତାଇୱାନ ଠାରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଏସିଆ ପାସିଫିକ୍ ଆର୍ନ୍ତଜାତିକ ଗେଟ୍‌ବଲ୍ ଚମ୍ପିୟାନ୍‌ସିପରେ ଭାରତୀୟ ଟିମ୍‌ରୁ ପ୍ରତିନିଧିତ୍ୱ କରିବା ପାଇଁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଜଣେ ସିନିୟର ପ୍ରଫେସର୍ ମନୋନୀତ ହୋଇଛନ୍ତି।

ସୋଆର ଫାକଲ୍ଟି ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲଜି, ଇନଷ୍ଟିଚ୍ୟୁଟ୍ ଅଫ ଟେକନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ପକ୍ଷରୁ ମନୋନୀତ ହୋଇଥିବା ୭ ଜଣିଆ ଭାରତୀୟ ଟିମ୍‌ରେ ସ୍ଥାନ ପାଇଛନ୍ତି।



ଅକ୍ଟୋବର ୪ ରୁ ୭ ତାରିଖ ପର୍ଯ୍ୟନ୍ତ ତାଓୟୁଆନ୍ ଠାରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଂଟ କ୍ଲାସିକ, ଟ୍ରିପିଲ୍ସ ଓ ଡବଲ୍ସ ଭିତିରେ ଖେଳାଯିବ। "ଏହା ଖୁବ୍ ଆକର୍ଷଣୀୟ ଟୁର୍ଣ୍ଣାମେଂଟ ହେବ ଏବଂ ମୋ ପାଇଁ ଗୋଟିଏ ଆର୍ନ୍ତଜାତିକ ପ୍ରତିଯୋଗିତାରେ ଦେଶକୁ ପ୍ରତିନିଧିତ୍ୱ କରିବା ଗର୍ବର ବିଷୟ" ବୋଲି ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଏହି ୬୪ ବର୍ଷୀୟ ପ୍ରଫେସର କହିଛନ୍ତି। ଭାରତୀୟ ଦଳରେ ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ରଞ୍ଜନ କୁମାର ପାତ୍ର ଅଧିନାୟକ ଏବଂ ଉମାକାନ୍ତ ପାଣି, ଶରତ କୁମାର ପାତ୍ର, ଦିଲ୍ଲିପ କୁମାର ଷଡ଼ଙ୍ଗୀ, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଖେଳାଳୀ ଭାବେ ସାମିଲ୍ ହୋଇଥିବାବେଳେ ଦ୍ୱିପାୟନ ପଟ୍ଟନାୟକ ଉଭୟ ଖେଳାଳୀ ଓ ମ୍ୟାନେଜର୍ ଦାୟିତ୍ୱ ବହନ କରିବେ।

କ୍ରୋକେଟ୍ ଦ୍ୱାରା ପ୍ରୋତ୍ସାହିତ ହୋଇଥିବା ଗେଟ୍‌ବଲ୍ ଏକ ଗତିଶୀଳ ନନ୍ କଂଟାକ୍ଟ ଓ ହାଇଲି ଷ୍ଟ୍ରାଟେଜିକ୍ ଦଳଗତ କ୍ରୀଡା ଯାହାକି ଯେ କୌଣସି ବୟସରେ ଉଭୟ ପୁରୁଷ ଓ ମହିଳା ଖେଳି ପାରିବେ। ଏହି କ୍ରୀଡା ଜାପାନ, ଚୀନ, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ଭିଏତନାମ, ଥାଇଲାଣ୍ଡ ଓ ତାଇୱାନରେ ଖୁବ୍ ଲୋକପ୍ରିୟ।

# ସୁନା ଜିତିଲେ ସୁନା ଝିଅ

ନୂଆଦିଲ୍ଲୀ, ୧୭।୯: ସୁନା ଜିତିଲେ ସୁନା ଝିଅ। ୭୭ ତମ ସିନିୟର ନ୍ୟାସନାଲ ସନ୍ତରଣ ପ୍ରତିଯୋଗିତାରେ ମହିଳାଙ୍କ ବାଜିମାତ। ଦୀର୍ଘ ୭୬ ବର୍ଷ ପରେ ପଦକ ହାସଲ କଲା ଓଡିଶା । ୫ ଜଣ ମହିଳା ସ୍ୱିମର ଏହି ପ୍ରତିଯୋଗିତାରେ ଓଡିଶା ପାଇଁ ଗୌରବ ଆଣିଛନ୍ତି। ତେବେ ଆଜି ପର୍ଯ୍ୟନ୍ତ ସ୍ୱିମିଙ୍ଗ ଫେଡରେସନ ପକ୍ଷରୁ ହୋଇ ଆସୁଥିବା ଏହି ମ୍ୟାଚରେ କେହି ବି ପଦକ ହାତେଇ ପାରିନଥିଲେ।



ଏଥିରେ ଓଡ଼ିଶାର ଝିଅମାନେ ଏବେ ବାଜି ମାରି ନେଇଛନ୍ତି। ପ୍ରତ୍ୟାଶା ଗୋଟିଏ ଗୋଲଡ୍, ଦୁଇଟି ସିଲଭର ସହ ଗୋଟିଏ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ଶହେ ମିଟର, ଦୁଇଶହ ମିଟର ବ୍ୟାକ ଷ୍ଟ୍ରୋକରେ ଇଂଡିଭିଜୁଆଲ ମେଡାଲ ସାଙ୍ଗକୁ ରିଲେରେ ପୁରା ଟିମ୍ ଗୋଲ୍ଡ ମେଡାଲ ହାସଲ କରି ଓଡିଶା ଫେରିଛନ୍ତି। ପ୍ରତ୍ୟାଶା ଓଡ଼ିଶା ପକ୍ଷରୁ ସ୍ୱିମିଙ୍ଗରେ ଏହି ସଫଳତା ପାଇ ଖୁସି ବ୍ୟକ୍ତ କରିଛନ୍ତି। ତେବେ ଆଜି ପର୍ଯ୍ୟନ୍ତ କେହି ଏହି ସଫଳତା ଯେହେତୁ ପାଇନାହାନ୍ତି। ତେଣୁ ଅନେକ ସଂଘର୍ଷ ରହିଥିଲା କିନ୍ତୁ ପୁରା ଟିମ୍ ର ଏହା ସଫଳତା ବୋଲି ସେ କହିଛନ୍ତି। ସେହିଭଳି ଓଡ଼ିଶାରେ ସ୍ୱିମିଙ୍ଗ ଶିଖିବା ସହଜ ହୋଇପାରିଛି ଆଗକୁ ଜୁନିଅର ସବ୍ ଜୁନିଅର ବିଭାଗରେ ବି ଏଭଳି ଆଖିଦୃଶିଆ ସଫଳତା ମିଳିପାରିବ । ହାଇ ପରଫମନ୍ସ ସେଣ୍ଟର ରହିଛି, ସ୍ୱିମିଙ୍ଗ ପାଇଁ ଯଥେଷ୍ଟ ଭିତ୍ତିଭୂମି ଅଛି । ଅନ୍ୟ ରାଜ୍ୟ ଅପେକ୍ଷା ଆମର କ୍ରୀଡା ଭିତ୍ତିଭୂମି ଓ କୋଚ୍ ଭଲ ଅଛନ୍ତି। ତେଣୁ ଆଗାମୀ ଦିନରେ ଅଲିମ୍ପିକସ ରେ ହକି ସହ ଅନ୍ୟାନ୍ୟ ଖେଳ ସାଙ୍ଗକୁ ସନ୍ତରଣରେ ମଧ୍ୟ ପଦକ ଆଶା ବଢିଛି ବୋଲି ଅଭିଭାବକ କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ